## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

ଭେଡ଼େନ, ୩।୭(ସୁଦନ ମହାକୁର): ସାପ କାମୁଡ଼ାରେ ବରଗଡ଼ ଜିଲା ଭେଡ଼େନ ଥାନା ରଷୁଡ଼ା ଫାଣ୍ଡି ଅଧୀନ ବ୍ରାହ୍ମଣତୁରୁମ ଗ୍ରାମର ରଞ୍ଜନ ତାଣ୍ଡିଙ୍କ ୪ବର୍ଷର ଶିଶୁକନ୍ୟା ରିୟାଙ୍କ ମୃତ୍ୟୁ ହୋଇଛି। ସୋମବାର ମଧାହ୍ନରେ ଶିଶୁକନ୍ୟା ମା'ଙ୍କ ସହିତ ମହାନଦୀରୁ ଗାଧୋଇ ଆସି ଘର ଅଗଣାରେ ଖେଳୁଥିବା ବେଳେ ଏକ ବିଷାକ୍ତ ନାଗ ସାପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକେ ଶିଶୁକୁ ତୁରନ୍ତ ବୁର୍ଲା ଭିମ୍‌ସାରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୁର୍ଲା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ମେଲଣ ପଡ଼ିଆ ସୀମା ଚିହ୍ନଟ ଦାବି

ବରପାଲି,୩।୭(ଚିତ୍ତରଞ୍ଜନ ସାହୁ): ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ବାରଗୁଡା ଗ୍ରାମପଞ୍ଚାୟତ ଅଧୀନ ହଳଦୀପାଲି ଗ୍ରାମ ମେଲଣ ପଡିଆକୁ କେତେକ ଅସାଧୁ ବ୍ୟକ୍ତି ଜୋର ଜବରଦସ୍ତ ଅକ୍ତିଆର କରିଛନ୍ତି। ଗ୍ରାମବାସୀ ଏହାକୁ ବିରୋଧ କଲେ ଜବରଦଖଲକାରୀମାନେ ଧମକଚମକ ଦେଉଛନ୍ତି। ତେଣୁ ମେଲଣ ପଡିଆ ସୀମା ଚିହ୍ନଟ ପାଇଁ ସମିତିସଭ୍ୟ ସୁଶୀଲ ନାଗଙ୍କ ନେତୃତ୍ୱରେ ଗ୍ରାମବାସୀ ସୋମବାର ବରପାଲି ତହସିଲଦାର ରକ୍ମଣ ମେହେରଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସେମାନେ ହଳଦୀପାଲି ଗ୍ରାମ ମେଲଣ ପଡିଆ ପ୍ଲଟ ନଂ. ୨୮୧ ଓ ଖାତା ନଂ. ୪୫୨ କିସମକୁ ମେଲଣ ପଡିଆ ଭାବେ ଚିହ୍ନଟ କରିବା ପାଇଁ ଦାବି ଜଣାଇଛନ୍ତି।

### ରାସ୍ତାରେ ଜମୁଛି ପାଣି, ଲୋକେ ହଇରାଣ

ପଦ୍ମପୁର,୩।୭(ପ୍ରଦୀପ୍ତ ଦାଶ): ପଦ୍ମପୁର ଏନ୍‌ଏସି ଅଧୀନ ୨ନମ୍ବର ୱାର୍ଡର ମାଷ୍ଟର କଲୋନୀରେ ଦୀର୍ଘଦିନ ହେବ ରାସ୍ତା ମରାମତି ହୋଇ ନ ଥିବାରୁ କଲୋନୀ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଉପନିର୍ବାଚନ ସମୟରେ ଏହି କଲୋନୀକୁ ପାଣି ବ୍ୟବସ୍ଥା, ଡ୍ରେନ ସମସ୍ୟାର ସମାଧାନ ଓ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ପ୍ରତିକାର ହୋଇ ନ ଥିବାରୁ ପଡା ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ସାମାନ୍ୟ ବର୍ଷାରେ ମଧ ପାଣି ଜମୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ରଶ୍ମିତା ନେତାମଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ପଦ୍ମପୁର,୩।୭(ପ୍ରଦୀପ୍ତ ଦାଶ): ପଦ୍ମପୁର ବାନ୍ଦୁପାଲି ଓଡିଶା ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ନେତାମଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ଅଧକ୍ଷ ରୁଦ୍ରନାରାୟଣ ଭୋଇ ସଭାପତିତ୍ୱ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଶୈଳୀକୁ ପ୍ରଶଂସା କରିଥିଲେ। ସେହିପରି ଅଶ୍ୱିନୀ କୁମାର ଧରୁଆ, ଜଗଦୀଶ ସେଟ, ରମେଶ ନେଟୀ ପ୍ରମୁଖ ଅଭିଭାବକ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ନେତାମ ଓଡିଶା ପ୍ରଶାସନିକ ଶିକ୍ଷାସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ଏବଂ ସେ କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗଦାନ କରିବେ ବୋଲି ଜଣାପଡିଛି।

# ଅଣଓଡ଼ିଆଙ୍କ କବ୍‌ଜାରେ ଜଗନ୍ନାଥଙ୍କ ଭୂ ସମ୍ପତ୍ତି

ଭେଡେନ,୩।୭ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ତହସିଲ ଅଞ୍ଚଳରେ ପୁରୀ ଶ୍ରୀ ଜଗନ୍ନାଥଙ୍କ ନାମରେ ଥିବା ଏକର ଏକର ଭୂ ସମ୍ପତ୍ତି ଏବେ ଅଣଓଡ଼ିଆଙ୍କ କବ୍‌ଜାରେ ରହିଛି। ଏହି ଭୂ ସମ୍ପତ୍ତିକୁ ସେମାନଙ୍କଠାରୁ ମୁକୁଳାଇବା ପାଇଁ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ।

ସୂଚନା ଅନୁସାରେ, ଭେଡେନ ଅଧୀନ ଗର୍ଭଣା, ଅଁଳାପାଲି, କମଗାଁ, ଖୁଣ୍ଟୁଲିପାଲି, ବାଞ୍ଜିପାଲି, ରୂପାପାଲି, ଯୁଗିପାଲି ଆଦି ଗ୍ରାମରେ ପୂର୍ବରୁ ଜଗନ୍ନାଥଙ୍କୁ ଦାନସୂତ୍ରରେ ଦିଆଯାଇଥିବା ଶତାଧିକ ଏକର ଜମି ରହିଥିଲା। ଉକ୍ତ ଜମିକୁ ଅଞ୍ଚଳର ଅନେକ ଭୂମିହୀନ ଚାଷୀ ଭାଗସୂତ୍ରରେ ଚାଷ କରି କୋଠ ପଇଠ କରୁଥିଲେ। ଏହି କୋଠ ଅସୁଲି ପାଇଁ ପୁରୀରୁ ଜଣେ ପ୍ରତିହାରୀ ସେବକ ନିଯୁକ୍ତ ହୋଇଥିଲେ। ସେ ବର୍ଷକୁ ଥରେ ଆସି ଗର୍ଭଣା ଗ୍ରାମରେ କିଛି ଦିନ ରହି କୋଠ ଅସୁଲି କରୁଥିଲେ। ତାଙ୍କ ରହିବା ପାଇଁ ଗର୍ଭଣାର ଜଣେ ବ୍ୟକ୍ତି ଘର ମଧ ଦାନ କରିଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ରହିଛି। ଏବେ ମଧ ଉକ୍ତ ପ୍ରତିହାରୀ ସେବକଙ୍କ ବଂଶଧର ଆସିଲେ ସେଠାରେ ରହଣୀ ସୁବିଧା ଅଛି। କିନ୍ତୁ ପରିତାପର ବିଷୟ ଜଗନ୍ନାଥଙ୍କୁ ଦାନ କରାଯାଇଥିବା ସମ୍ପତ୍ତି ସରକାରୀ ରେକର୍ଡ଼ରୁ ଉଭେଇ ଯାଇଛି । ଏବେ ଏହି ଜମି ଅଣ ଓଡ଼ିଆଙ୍କ କବଳରେ ରହିଥିବା ଦେଖିବାକୁ ମିଳୁଛି। ଏହି ଜମିର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ସ୍ଥାନୀୟ ତହସିଲଦାର, ଜିଲାପାଳ, ରାଜସ୍ୱ କମିଶନର, ଦେବୋତ୍ତର କମିଶନରଙ୍କୁ ଲିଖିତ ଆବେଦନ କରିଥିଲେ ସୁଦ୍ଧା ସୁଫଳ ମିଳିପାରିନାହିଁ ।

କମଗାଁ ଗ୍ରାମର ବୟୋଜ୍ୟେଷ୍ଠ କୁମର ପାଣ୍ଡେଙ୍କ କହିବା ଅନୁସାରେ, ସେହି ସମୟରେ ସମ୍ବଲପୁରର ମହାରାଣୀ ଅନସୂୟା ତାଙ୍କ ଶେଷ ଜୀବନରେ ଗର୍ଭଣା ମୌଜାରେ ରହିଥିବା ୧୦୨ ଏକର ଜମି ଜଗନ୍ନାଥଙ୍କୁ ଦାନ କରିଥିଲେ। ମାତ୍ର କିଛି ବର୍ଷ ପରେ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ହାତବାରିସି କରି ପ୍ରତିହାରୀ ଚଞ୍ଚକତା କରି ନିଜ ନାମରେ ଉକ୍ତ ଜମି ରେକର୍ଡ଼ କରାଇନେଲେ। ଅନ୍ୟପକ୍ଷେ ସରକାର ଚାଷଜମିର ସୁବଣ୍ଟନ ପାଇଁ ବନ୍ଦୋବସ୍ତ ଯୋଜନା ଆରମ୍ଭ କରିଥିଲେ। ଏହି କ୍ରମରେ ମେଜର ବନ୍ଦୋବସ୍ତ ସମୟରେ ସିଲିଂ ବ୍ୟବସ୍ଥା ମଧ ଗ୍ରହଣ କରାଯାଇଥିଲା। ଜଣେ ଚାଷୀଙ୍କ ପାଖରେ ୧୦ ଏକରରୁ ଊର୍ଦ୍ଧ୍ୱ ଜମି ରହିଥିଲେ ଅବଶିଷ୍ଟ ଜମିକୁ ଭୂମିହୀନ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ଏହି ସୁଯୋଗରେ ସେ ସମୟରେ ଥିବା ପ୍ରତିହାରୀ ସେବକ ବନ୍ଦୋବସ୍ତ କର୍ମଚାରୀଙ୍କୁ ହାତ କରି ଉକ୍ତ ଜମିକୁ ଭାଗ ଭାଗ କରି ନିଜ ଆତ୍ମୀୟମାନଙ୍କ ନାମରେ କରି ସେହି ଜମିକୁ କିଛି ଅଣଓଡ଼ିଆଙ୍କୁ ବିକ୍ରି କରିଦେଲେ ବୋଲି ଗର୍ଭଣା ଗ୍ରାମର ଟଙ୍କ ଚିତି (୮୫) କୁହନ୍ତି। ତେବେ ଆଜି ପର୍ଯ୍ୟନ୍ତ ଉକ୍ତ ଜମି କ୍ରୟ କରିଥିବା ବ୍ୟକ୍ତିମାନଙ୍କୁ ସ୍ଥାୟୀ ପଟ୍ଟା ମିଳିପାରି ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ଭେଡ଼େନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ପଚରାଯିବାରୁ ସେ କହିଲେ, ଜଗନ୍ନାଥଙ୍କ ଦେବୋତ୍ତର ଜମି କୌଣସି ପରିସ୍ଥିତିରେ ବିକ୍ରି ହୋଇପାରିବନାହିଁ। ଯଦି ତାହା ବିକ୍ରି ହୋଇଛି କେଉଁ ପ୍ରକାରେ ହୋଇଛି ତଦନ୍ତ କଲେ ଜଣାପଡ଼ିବ ବୋଲ ତହସିଲଦାର ମୁଣ୍ଡା କହିଥିଲେ।

# ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି



ଜିଲାପାଳ, ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

ଗାଇସିଲେଟ୍,୩।୭(ବେଦପ୍ରକାଶ କଲେତ୍)

ବରଗଡ଼ ଜିଲା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଏସ୍‌ପି ପି.ଏସ୍ ମୀନା ଯୋଗଦେଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ୬୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଏବଂ ଏସ୍‌ପି ଅଭିଯୋଗଗୁଡିକ ଶୁଣି ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପଦ୍ମପୁରରେ କେନ୍ଦୁପତ୍ର ଶ୍ରମିକଙ୍କ ବିଶାଳ ସମାବେଶ



କେନ୍ଦୁପତ୍ର ଶ୍ରମିକମାନେ ଉପଜିଲାପାଳଙ୍କ ଅଫିସ୍‌କୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଛନ୍ତି।

ପଦ୍ମପୁର,୩।୭(ପ୍ରଦୀପ୍ତ ଦାଶ)

କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀମାନଙ୍କୁ ୨୩ ବର୍ଷର ନବୀନ ପଟ୍ଟନାୟକ ସରକାର ବାରମ୍ବାର ଧୋକା ଦେଇ ଚାଲିଛି। ପଦ୍ମପୁର ଗୋରୁ ବଜାର ପଡିଆରେ ଅନୁଷ୍ଠିତ କେନ୍ଦୁପତ୍ର ଶ୍ରମିକମାନଙ୍କ ବିଶାଳ ସମାବେଶରେ ଯୋଗଦେଇ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଏହା ମତବ୍ୟକ୍ତ କରିଛନ୍ତି। ସୋମବାର ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ପଦ୍ମପୁର ଡିଭିଜନର ଆହ୍ୱାନକ୍ରମେ ୯ଦଫା ଦାବି ନେଇ ସଂଘର ନେତା କୋକିଲ ସାହୁଙ୍କ ଅଧ୍ୟକ୍ଷତାରେ କେନ୍ଦୁପତ୍ର କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଦ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମାବେଶରେ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ମକରଧ୍ୱଜ ବଗାର, ସରସ୍ୱତୀ ସାହୁ, ହେଡ୍ ଚେକର ସୁରେଶ ପଣ୍ଡା, ଋଷଭ ପ୍ରଧାନ, ରଙ୍କମଣି ହୋତା, ନାରାୟଣ ପୋଦ୍ଦ, ଡୋଲେନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମ୍ଭାର, ଶେଷଦେବ ଯୋଶୀ, ହଜାରୁ ପ୍ରଧାନ, ସତ୍ୟବାନ ପ୍ରଧାନ, ମଧୁ ବେହେରା, ମହେନ୍ଦ୍ର ପ୍ରଧାନ, ନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ଭାଜପାର ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ)

ବରଗଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସୋମବାର ଭାଜପାର ବରଗଡ଼ ଧାନସଭା ନିର୍ବାଚନ ମଣ୍ଡଳୀ ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ କୃଷକ, ଯୁବ, ମହିଳା, ଆଦିବାସୀ ଏବଂ ଅନୁସୂଚୀତ ଜାତି ମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ଆଗାମୀ ବିଧାନସଭା ନିର୍ବାଚନରେ ଭାଜପାକୁ ବିଜୟୀ କରିବା ପାଇଁ ରଣନୀତି ତିଆରି କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷ ଶାସନ କାଳରେ କେନ୍ଦ୍ର ସରକାରଙ୍କ ତରଫରୁ ନିଆଯାଇଥିବା ବିକାଶମୂଳକ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ ଜିଲାରେ କେନ୍ଦ୍ର ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ବିକାଶ ଯୋଜନା ବିଷୟରେ କାର୍ଯ୍ୟକର୍ତ୍ତାମାନଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷେ ବରଗଡ ଜିଲାର ବିକାଶକୁ ନେଇ ଏକ ଖୋଲାମଞ୍ଚରେ ବିତର୍କ କରାଯାଉ ବୋଲି ସେ ବିଜେଡି ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ଆଦିବାସୀ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ଭୁଏ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଈଶ୍ୱର ବାଗ, ବରିଷ୍ଠ ନେତା ସୁରେଶର ଶତପଥି, ଅରୂପାନନ୍ଦ ସାହୁ, ମୁକ୍ତା ସାହୁ, ଅଶୋକ ପଣ୍ଡା, ଅକ୍ରୁର ମଲ୍ଲିକ, ପ୍ରିତମ ସିଂ, କୁଶ କୁମ୍ଭାର, ଯଦୁମଣି ଦାଶ, ଅବନୀକାନ୍ତ ପଣ୍ଡା, ଓବିସି ମୋର୍ଚ୍ଚା ଜିଲା ସଭାପତି ପରେଶ ବିଶି, ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ତ୍ରିଲୋଚନ ଭୁଏ, ଯୁବମୋର୍ଚ୍ଚା ଜିଲା ସଭାପତି ଅମିତ ପଣ୍ଡା, ମହିଳା ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦିକା ଅନୁରାଧା ଅଗ୍ରୱାଲ, ସୀମା ସିଂ, ମମତା ଅଗ୍ରୱାଲ, ଦୀପାଞ୍ଜଳି ବାଗ, ନଳିନୀ ବାଗ, ସୁବ୍ରତ ହୋତା, ଶୁକ୍ରୁ ସାହୁ, ଦେବେଶ ଶତପଥୀ, ଶୁଭ୍ରାଂଶୁ ଦାଶ, ବିଚିତ୍ର ରାଉଳ ପ୍ରମୁଖ ଯୋଗ ଦେଇଥିଲେ ।

# ଆବାସ ଯୋଜନାରେ ଶପଥପାଠ



ଭଟିଗାଁ ପଞ୍ଚାୟତରେ ଶପଥ ପାଠ ସମାବେଶ ।

ବରପାଲି,୩।୭(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ଭଟିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ପ୍ରତିନିଧି, ହିତାଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଦୁର୍ନୀତିମୁକ୍ତ କରିବା ପାଇଁ ଶପଥ ପାଠ ସମାବେଶ ସୋମବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଜନୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବହୁସଂଖ୍ୟକ ମହିଳା ହିତାଧିକାରୀ ଶପଥ ପାଠ କରିଥିଲେ। ଭଟିଗାଁ ନାଗରିକ କମିଟିର ଧନେଶ୍ୱର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଂଗ୍ରେସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜେଇ ବୋଝେଇ ପିକ୍‌ଅପ୍ ଜବତ

ଅମ୍ବାଭୋନା,୩।୭(ଛନ୍ଦାଚରଣ ପ୍ରଧାନ)

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ସୋମବାର ସକାଳେ ଏକ ଗଞ୍ଜେଇ ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡ଼ି୧୭ସି/୯୮୮୦)କୁ ଜବତ କରିଛି। ସେଥିରେ ଥିବା ୬୯କିଗ୍ରା ୭୬୦ଗ୍ରାମ ଗଞ୍ଜେଇ ନଗଦ ୨ଲକ୍ଷ ୫ହଜାର ୫ଶହ ଟଙ୍କା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅମ୍ବାଭୋନା ଥାନା କଣ୍ଡପଲା ଗ୍ରାମର ରାଜକୁମାର ମିର୍ଦ୍ଧା(୩୨)। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୧୪୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି।

# ସଂକୀର୍ତ୍ତନ ସଂସ୍କୃତିର ସୁରକ୍ଷାକୁ ଗୁରୁତ୍ୱ

ବରଗଡ଼, ୩।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ସୋମବାର ଅମ୍ବାଭୋନା ବ୍ଲକ କେଦାରନାଥସ୍ଥିତ ରାଧାମାଧବ ଆଶ୍ରମ ପରିସରରେ ଜିଲାସ୍ତରୀୟ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ଓ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ପଶ୍ଚିମ ଓଡିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଭଟଲି ବ୍ଲକ ସୁକୁଡ଼ା ନିବାସୀ ଦଶରଥ ଚନ୍ଦାନିଆ, ଅମ୍ବାଭୋନା ବ୍ଲକ ବେହେରା ଗ୍ରାମ ନିବାସୀ ମଉଜିଲାଲ ସାହୁ ଏବଂ ଅମ୍ବାଭୋନା ବ୍ଲକ କପାସିରା ନିବାସୀ ଗିରିଧାରୀ ପ୍ରଧାନ ପ୍ରମୁଖ ୩ ସଂକୀର୍ତ୍ତନ ଗାୟକ ଓ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ସଂକୀର୍ତ୍ତନ ପରିଷଦର ଅମ୍ବାଭୋନା ବ୍ଲକ ସଂଯୋଜକ ଶିବ ନାରାୟଣ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂକୀର୍ତ୍ତନ ଗାୟକ ନୀଳ ଦେବତା ଓ ଅରୁଣ ପ୍ରଧାନଙ୍କ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସଂକୀର୍ତ୍ତନ ଗୁରୁ ବାବା ନରସିଂହ ଦାଶ କୀର୍ତ୍ତନ ସଂସ୍କୃତିର ସୁରକ୍ଷା ପାଇଁ ନିବେଦନ କରିଥିଲେ। ସଂକୀର୍ତ୍ତନ ଗୁରୁ ସୁଶୀଲ ଦାଶ, ବାଦକ ସୁଶୀଲ ଠାକୁର, ପଞ୍ଚାନନ ବାଗ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ସଂକୀର୍ତ୍ତନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଭାଜପାର ଜନସମ୍ପର୍କ ଅଭିଯାନ



ସୋହେଲା ବ୍ଲକରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଜନସମ୍ପର୍କ ଅଭିଯାନ।

ସୋହେଲା,୩।୭(ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲା ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୋହେଲା ବ୍ଲକର ଝର, ଗଣ୍ଡପାଲି, ଖପାନପାଲି, ମଲାଇଖନ, ଝଗଡ଼ଝାଲ, ସର୍ଗୁଣାପାଲି ଆଦି ଗ୍ରାମରେ ଭାଜପାର ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଦଳୀୟ କର୍ମୀମାନେ ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ବର୍ଷ ଶାସନକାଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ୍, ଜିଲା ଉପସଭାପତି ସୁଶାନ୍ତ ମିଶ୍ର, ମଣ୍ଡଳ ସଭାପତି ଲୋକେଶ୍ୱର ସିଂ ବରିହା, ମଣ୍ଡଳ ଯୁବ ସଭାପତି ନିମାଇଁ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ ।

# ପାଠ ପଢ଼ିବ ପାୟଲ

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅଡ଼ଗାଁ ପଞ୍ଚାୟତର ଉର୍ମିଳା ସାହୁ। ଡାକ ନାମ ପାୟଲ। ବୟସ ୧୩ବର୍ଷ। ଏହି ବୟସରେ ପାୟଲ ନିଜ ମା' ବାପାଙ୍କୁ ହରାଇଛନ୍ତି। ତାଙ୍କୁ ୨ବର୍ଷ ବୟସରେ ମା' ସେବତୀ ଇହଧାମ ତ୍ୟାଗ କରିଥିଲେ। ବାପା ମୋହନ ପାୟଲଙ୍କ ଯତ୍ନ ନେବା ସହିତ ତାଙ୍କୁ ଗାଁ ସ୍କୁଲରେ ପାଠ ପଢ଼ାଇଥିଲେ। ତେବେ ଗତବର୍ଷ ନଭେମ୍ବର ୧୬ତାରିଖରେ ମୋହନ ମଧ୍ୟ ଆରପାରିକୁ ଚାଲିଗଲେ। ଅନ୍ୟପଟେ ମା' ବାପାଙ୍କୁ ହରାଇବା ପରେ ସପ୍ତମ ଶ୍ରେଣୀରେ ପଢୁଥିବା ପାୟଲଙ୍କ ଭବିଷ୍ୟତ ପାଠପଢ଼ା ନେଇ ଆଶଙ୍କା ଦେଖାଯାଇଥିଲା । ମା' ବାପାଙ୍କୁ ହରାଇବା ପରେ ପାୟଲ ବଡ଼ବାପାଙ୍କ ଘରେ ରହୁଥିଲେ ଏବଂ ପାଠପଢ଼ା ବନ୍ଦ ରହିଥିଲା। ତେବେ ମୋହନଙ୍କ ମୃତଦେହ ସତ୍କାର କରିଥିବା ବରଗଡ଼ର ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଏହି ଖବର ପାଇବା ପରେ ପାୟଲଙ୍କ ପାଠପଢ଼ା ଏବଂ ଥଇଥାନ ପାଇଁ ଜିଲା ଶିଶୁ ମଙ୍ଗଳ ସମିତି ସହିତ ଯୋଗାଯୋଗ କରିଥିଲେ। ଆବଶ୍ୟକ କାଗଜାତ ପରେ ଜିଲା ଶିଶୁ ମଙ୍ଗଳ ସମିତି ଗାଇସିଲେଟ ବ୍ଲକ ଜନକେଡ଼ାରେ ରହିଥିବା ଗୋପବନ୍ଧୁ ସେବା ସଦନରେ ପାୟଲଙ୍କ ନାମ ଲେଖାଇବା ସହ ସେଠାରେ ରଖିବାକୁ ଅନୁମତି ପ୍ରଦାନ କରିଥିଲେ। ଏହାପରେ ସୋମବାର ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ପାୟଲଙ୍କୁ ସେଠାକୁ ପହଞ୍ଚାଇଥିଲେ। ସେହିପରି ପାୟଲଙ୍କୁ ଆଗାମୀ ଦିନରେ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ବିକାଶ ଗ୍ଲୋବାଲ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ)

ଆଇଆଇଏମ୍‌ୟୁଏନ୍ ଦ୍ୱାରା କ୍ରୀଷ୍ଣା ବିକାଶ ଗ୍ଲୋବାଲ ସ୍କୁଲ ରାୟପୁରଠାରେ ଏକ ୩ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ୧୧ରୁ ୧୯ବର୍ଷ ବୟସ୍କ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଜାତୀୟ, ଅନ୍ତର୍ଜାତୀୟ ସମସ୍ୟା ଏବଂ ତାର ଆପୋଷ ସମାଧାନ ଉପରେ ଜ୍ଞାନ ଆହରଣ କରିଥିଲେ। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ୨୭ ଛାତ୍ରୀଛାତ୍ର ଏବଂ ୨ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସୋହନ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଏବଂ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ କୃତୀଛାତ୍ର ସୋହନଙ୍କୁ କୃତଜ୍ଞତା ଜଣାଇଛନ୍ତି।



ରାୟପୁରସ୍ଥିତ ବିକାଶ ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର ।



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା,୩।୭(ମକାରୁ ବେମାଲ):** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋମନା ବିଡିଓ ସୁଶାନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜନଶୁଣାଣି ଶିବିରରେ ଏବିଡିଓ ଭକ୍ତବନ୍ଧୁ ବୁଡେକ, ଅତିରିକ୍ତ ତହସିଲଦାର ଅସେଶା ବାଗ, ଆରଡବ୍ଲୁଏସଏସ ଯନ୍ତ୍ରୀ ନିରନ୍ତର ମିଞ୍ଜ, ତରବୋଡ ରାଜସ୍ୱ ନିରୀକ୍ଷକ ନଳିନିକାନ୍ତ ମିଶ୍ର, ବିପିସି ତ୍ରିଲୋଚନ ନାଗ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଅଭିଯୋଗ ଗ୍ରହଣ କରି ଶୁଣାଣି କରିଥିଲେ। ଉକ୍ତ ଶିବିରରେ ମୋଟ ୨୫ଟି ଅଭିଯୋଗ ଆସିଥିଲା। ୨୦ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୫ଟି ଗୋଷ୍ଠିଗତ ଅଭିଯୋଗ ରହିଥିଲା। ରାସ୍ତା, ଶିକ୍ଷା, ଆବାସ ଗୃହ, ରାଶନ କାର୍ଡ, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଅର୍ଦ୍ଧ ନିର୍ମିତ ମିଶନ ଶକ୍ତି ଗୃହ ଆଦି ସମସ୍ୟା ନେଇ ଅଭିଯୋଗର ଶୁଣାଣି ହୋଇଥିଲା। ଏହି ସମୟରେ ଜଟଗଡ ସରପଞ୍ଚ ଦିବ୍ୟକାନ୍ତି ଜଗତ, ସମିତି ସଭ୍ୟା ସକୁନ୍ତଳା ଭୁଏ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ରଥ, ପଞ୍ଚାୟତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

### ତୁଣ୍ଡଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**ତୁଣ୍ଡଲା,୩।୭(ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୭୪ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ପାଳନ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର କୁମାର ପଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ରେଞ୍ଜ ଅଫିସର ଦୀନବନ୍ଧୁ ମେହେର ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବେ କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା (ପ୍ରକୃତିବନ୍ଧୁ) ଓ ବାଲସି ଉଚ୍ଚ ବିଦ୍ୟାଳୟ ପ୍ରଧାଶିକ୍ଷକ ଅଭୟ କୁମାର ଦେବତା (ପ୍ରକୃତିବନ୍ଧୁ) ଯୋଗଦାନ କରି ବନ ମହୋତ୍ସବର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କେସିଙ୍ଗା କୋର୍ଟର ପ୍ରତିନିଧି ସନ୍ତୋଷ କୁମାର ଦଣ୍ଡସେନା, ତୁଣ୍ଡଲା ସରପଞ୍ଚ ସରୋଜ କୁମାର ସେଠ ଓ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ କମଳିନୀ ବାଗ ଯୋଗଦେଇଥିଲେ। ଏହି ସଭାରେ ମୁଖ୍ୟଅତିଥି ବୃକ୍ଷର ବିଭିନ୍ନ ଉପାଦେୟତା ସମ୍ପର୍କରେ ଆଲୋଚନା କରିବା ସହ ବୃକ୍ଷ ରୋପଣ ପ୍ରତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ହରେକୃଷ୍ଣ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ବନ ବିଭାଗ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିକ୍ଷକ ଜିତେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅତିଥି ମିଶି ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ।

# ଶ୍ରେଣୀଗୃହ ଅଭାବ, ବାରଣ୍ଡାରେ ପାଠପଢ଼ା

- ବଡଟୀକା ଉଚ୍ଚପ୍ରାଥମିକ ସ୍କୁଲ
- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ ସଂଘ ସଦସ୍ୟ

**ବଲାଙ୍ଗୀର, ୩।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ଅନ୍ତର୍ଗତ ବଡଟୀକା ଉଚ୍ଚପ୍ରାଥମିକ ସ୍କୁଲରେ ଶ୍ରେଣୀଗୃହ ଅଭାବଜନିତ ସମସ୍ୟା ଦେଖାଦେଇଛି। ଏଥିଯୋଗୁଁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାରେ ପାଠ ପଢୁଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ସୁଫଳ ହେଉନାହିଁ। ଶେଷରେ ସ୍କୁଲ ଅଭିଭାବକ ଶିକ୍ଷକ ସଂଘ (ପିଟିଏ) ସଦସ୍ୟମାନେ ସୋମବାର ବଲାଙ୍ଗୀର ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଏହି ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଏବେ ୮୭ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ବସିବା ପାଇଁ ଆବଶ୍ୟକ କୋଠାରି ନାହିଁ। ସ୍କୁଲରେ ମାତ୍ର ଦୁଇଟି ଛାତ ଥିବା କୋଠା ରହିଛି। ଗୋଟିଏ କୋଠାରେ ଅଫିସ ଚାଲିଥିବାବେଳେ ଅନ୍ୟକୋଠାରେ ଷଷ୍ଠ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଅନ୍ୟ ଦୁଇ ଶ୍ରେଣୀ ଯଥା ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ଶ୍ରେଣୀ କୋଠରୀ ନଥିବାରୁ ସେମାନେ ବାଧ୍ୟହୋଇ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ସ୍କୁଲ ପରିସରରେ ଦୀର୍ଘଦିନରୁ ଏକ କୋଠା ଅର୍ଦ୍ଧନିର୍ମିତ ହୋଇ ପଡିରହିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏଭଳି ସମସ୍ୟା ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାରେ ବ୍ୟାଘାତ ସୃଷ୍ଟି କରୁଛି। ସ୍କୁଲ କମିଟି ପକ୍ଷରୁ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କୁ ଏହି ସମସ୍ୟା ସମ୍ପର୍କରେ ଜଣାଇଲେ ମଧ୍ୟ ସେମାନେ କୌଣସି ବିହିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବିଦ୍ୟାଳୟରେ ସାଧାରଣ ଶିକ୍ଷା ପରିବେଶ ସୃଷ୍ଟି ପାଇଁ ଅତି କମ୍‌ରେ ଆଉ ଦୁଇଟି ଶ୍ରେଣୀ କୋଠରୀ ଯଥାଶୀଘ୍ର ତିଆରି କରିବାର ଆବଶ୍ୟକତା ରହିଛି ବୋଲି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯଥାଶୀଘ୍ର ସଦସ୍ୟାର ସମାଧାନ କରା ନ ଗଲେ ସେମାନେ ନିଜ ପିଲାଛୁଆ ଧରି ଦାଦନ ଖଟିବାକୁ ଯିବାକୁ ବାଧ୍ୟହେବେ ବୋଲି ଜଣାଇଛନ୍ତି।


ବଡଟୀକା ଗାଁର ଅଭିଭାବକମାନେ ଜିଲାପାଳ କାର୍ଯ୍ୟାଳୟକୁ ସ୍କୁଲ ସମସ୍ୟା ସମ୍ପର୍କରେ ଅଭିଯୋଗ କରିବାକୁ ଆସିଛନ୍ତି।

# ଥଇଥାନ ପରେ ଉଚ୍ଛେଦ କର


ଏନଏସି ଅଧିକାରୀଙ୍କ ସହ ଉଠା ଦୋକାନୀମାନେ ଆଲୋଚନା କରୁଛନ୍ତି।

- ଏନଏସି ଅଫିସ ଘେରାଉ କଲେ ଉଠାଦୋକାନୀ ସଂଘ

**ପାଟଣାଗଡ, ୩।୭(ପ୍ରହ୍ଲାଦ ପାଢ଼ୀ)**

ଗତ ରଥଯାତ୍ରା ସମୟରେ ପାଟଣାଗଡର ମୁଖ୍ୟରାସ୍ତାରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇ ଟ୍ରାଫିକ ସମସ୍ୟାର କିଛି ପରିମାଣରେ ସମାଧାନ କରାଯାଇଥିଲା। ଏହାର ପ୍ରତିବାଦ ଏବଂ ଥଇଥାନ ଦାବି କରିଛି ଉଠାଦୋକାନୀ ସଂଘ। ସୋମବାର ସଂଘ ସଭାପତି ଅନୀଲ ମେହେରଙ୍କ ନେତୃତ୍ୱରେ ଶତାଧିକ ଉଠା ଦୋକାନୀ ଏନଏସି କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ଦାବି କରିଥିଲେ ଥଇଥାନ ନ କରି ଉଚ୍ଛେଦ କରା ନ ଯାଉ। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ମହନ୍ତ ଏବଂ ଉଠା ଦୋକାନୀ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆସନ୍ତା ମାସ ମଧ୍ୟରେ ଉଠା ଦୋକାନୀଙ୍କୁ ଥଇଥାନ କରାଯିବ। ଏଥିସହ ଗୋଟିଏ ମାସ ଟ୍ରାଫିକ ସମସ୍ୟା ସୃଷ୍ଟି ନ କରି ରାସ୍ତା କଡ଼ରେ ବସିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ଘେରାଉ କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଅଜିତ ପୁରୋହିତ, ଲବ ଅଗ୍ରୱାଲ, ବୁଠୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ହଟାଇଲା ପ୍ରଶାସନ


ତହସିଲଦାରଙ୍କ ଉପସ୍ଥିତିରେ ଜେସିବିରେ ଜବରଦଖଲ ଘରକୁ ଭଙ୍ଗା ଯାଉଛି।

- ନାଳ ପୋତି କରାଯାଇଥିଲା ଘର
- ଏଥର ଆଗେଇବ ରାସ୍ତା ଓ ଡ୍ରେନ କାମ

**ଲୋଇସିଂହା, ୩।୭(ନ୍‌ସୁଶାନ୍ତ ବାରିକ)**

ଜବରଦଖଲ ଯୋଗୁ ପ୍ରଧାନମନ୍ତ୍ରୀ ସଡକ ଓ ଡ୍ରେନ କାମ ହେଉ ନ ଥିବା ନେଇ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମବାସୀ ଆଗଲପୁର ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଫୋର୍ସ ଓ ଆଗଲପୁର ତହସିଲଦାର ସରୋଜା ବେହେରାଙ୍କ ଉପସ୍ଥିତିରେ ଜବରଦଖଲ କରି ନିର୍ମାଣ କରାଯାଇଥିବା ଘରଙ୍କୁ ଭାଙ୍ଗି ଦିଆଯାଇଛି । ଜବରଦଖଲ ଉଚ୍ଛେଦ ପରେ ପ୍ରଧାନମନ୍ତ୍ରୀ ସଡକ ଓ ଡ୍ରେନ କାମ ଅଗ୍ରଗତି ହେବ ବୋଲି ଜଣାପଡିଛି ।

ସୂଚନା ଅନୁଯାୟୀ, ୨୬ ନଂ ଜାତୀୟ ରାଜପଥ ବୁର୍ଡାରୁ ଆଗଲପୁର ବ୍ଲକ ନଅଗାଁ(ଖ) ଭାୟା ଦେଇ ବଡଟିକାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଅବଧି ସରିଥିଲେ ମଧ୍ୟ ରାସ୍ତା କାମ ସରିନାହିଁ। ନଅଗାଁ(ଖ) ଗ୍ରାମର ହାଇସ୍କୁଲ ଛକରେ ପାରମ୍ପରିକ ପାଣି ନାଳକୁ ପୋତି କେତେକ ଘର ନିର୍ମାଣ କରିଥିବାରୁ ରାସ୍ତା ଓ ଡ୍ରେନ ନିର୍ମାଣରେ ବାଧକ ସାଜିଥିଲା । କେତେକ ପରିବାର ଜବରଦଖଲ ଉଚ୍ଛେଦରେ ସହଯୋଗ କରିଥିବାବେଳେ ରଶିକ ସାହୁଙ୍କ ପରିବାରର ବିରୋଧ ଯୋଗୁ ଜବରଦଖଲ ଉଚ୍ଛେଦ ହୋଇପାରୁ ନ ଥିଲା। ଗତ ମେ ୧ତାରିଖରେ ପୂର୍ବତନ ତହସିଲଦାର ଓ ରାଜସ୍ୱ କର୍ମଚାରୀ ଜମି ମାପଚୁପ କରି ସରକାରୀ ଜମି ଚିହ୍ନଟ କରି ପାରମ୍ପରିକ ପାଣି ନାଳ ପୋତି ଘର କରିଥିବା ସ୍ଥାନକୁ ଭାଙ୍ଗି ଦେବାକୁ କହିଥିଲେ । ଇତିମଧ୍ୟରେ ୨ ମାସ ବିତି ଯାଇଥିଲେ ସୁଦ୍ଧା ସମ୍ପୃକ୍ତ ପରିବାର ଜବରଦଖଲ ହଟାଇ ନ ଥିଲେ। ସୋମବାର ଆଗଲପୁର ତହସିଲ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ଏବଂ ତହସିଲଦାର ବେହେରାଙ୍କ ଉପସ୍ଥିତିରେ ଜେସିବି ଲଗାଇ ବେଆଇନ ନିର୍ମାଣକୁ ଭଙ୍ଗା ଯାଇଥିଲା । ରଶିକ ସାହୁଙ୍କ କହିଛନ୍ତି, ରୟତି ଜମିରେ ଘର ହୋଇଛି। ବିନା ନୋଟିସ୍‌ରେ ଘର ଭଙ୍ଗା ଯାଇଛି । ଗ୍ରାମର କେତେକ ବ୍ୟକ୍ତି ଅସହିଷ୍ଣୁ ହୋଇ ଅଭିଯୋଗ କରିଥିଲେ। ତହସିଲଦାର ବେହେରା କହିଛନ୍ତି, ଗ୍ରାମସବୀଙ୍କ ଅଭିଯୋଗକୁ ନେଇ ଜବରଦଖଲ ମାମଲା ରହିଥିଲା । ରାସ୍ତା ଓ ଡ୍ରେନ କାମ ନିର୍ମାଣରେ ବାଧକ ହେଉଥିବାରୁ ଘର ଭଙ୍ଗା ଯାଇଥିବା କହିଛନ୍ତି।

## ଜାତିଆଣ ଆକ୍ଷେପ କରିଥିବା ଯୁବକ ଗିରଫ

**ବଲାଙ୍ଗୀର, ୩।୭ (ବୀରେନ୍ଦ୍ର କୁମାର ଝାଙ୍କର) :** ସାମାଜିକ ଗଣମାଧ୍ୟମରେ ଦଳିତ ସମାଜକୁ ଜାତିଆଣ ଆକ୍ଷେପ କରିଥିବା ପ୍ରଦୀପ କୁମାର ପରୁଆଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରିଛି। ତାଙ୍କ ବିରୋଧରେ ଜିଲା ଦଳିତ ସଙ୍ଗଠନ ଟାଉନ୍ ଥାନାରେ ଏତଲା ଦେଇଥିଲା। ଜିଲା ଦଳିତ ସମାଜ ଯୁବ ଶାଖା ଓ ପଶ୍ଚିମ ଓଡିଶା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ଥାନା ଘେରାଉ କରାଯାଇଥିଲା। ଉଭୟ ସଙ୍ଗଠନ ପକ୍ଷରୁ ପୃଥକ ଏତଲା ଦିଆଯାଇଥିଲା। ଟାଉନ୍ ଥାନା ପୋଲିସ ଅଭିଯୋଗ ଆଧାରରେ ମାମଲା (୩୦୮/୨୩) ରୁଜୁ କରି ପରୁଆଙ୍କୁ ଗିରଫ କରିଥିଲା। ଧାରା ୨୯୪, ୧୬୩ ଏ, ୩ ଏସସି ଏସ୍‌ଟି ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି।

## ଜନଶୁଣାଣି ଶିବିର

**ଭବାନୀପାଟଣା,୩।୭(ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ ଜିଲାପାଳ ସମ୍ମିଳନୀ ଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ ଅଧକ୍ଷତାରେ କରିଥିଲେ। ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ, ଏସ୍‌ଡିପିଓ ସଦର ସୁନରାମ ହେମ୍ବ୍ରମଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ୧୦୭ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୯୩ଟି ବ୍ୟକ୍ତିଗତ ସମସ୍ୟା ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୬ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

# ଜରାସିଂହା ବୁଢ଼ିଆଇଙ୍କ କାଦୋଯାତ୍ରା


ଜରାସିଂହା ବୁଢ଼ିଆଇ ମନ୍ଦିର ପ୍ରାଙ୍ଗଣ ବଟବୃକ୍ଷ ତଳେ ବୁଢ଼ିଆଇ ଦେବୀଙ୍କ ପରିକ୍ରମା।

**ଦେଓଗାଁ,୩।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ବୁଢ଼ିଆଇ ମନ୍ଦିର ପ୍ରାଙ୍ଗଣରେ ବୁଢ଼ିଆଇଙ୍କ ପ୍ରସିଦ୍ଧ କାଦୋଯାତ୍ରା ସମ୍ପନ୍ନ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସୋମବାର ଦେହୁରିଆ ସନ୍ତୋଷ ଥନାପତି ଓ ଉଜ୍ଜ୍ୱଳ ଝାଙ୍କରଙ୍କୁ ବରଣ ପରେ କାଦୋଯାତ୍ରା ଆରମ୍ଭ ହୋଇଥିଲା। ପୂଜାର୍ଚ୍ଚନା ପରେ ମୁଖ୍ୟ ଦେହୁରୀ ସନ୍ତୋଷ ଥନାପତିଙ୍କ ଶରୀରରେ ବୁଢ଼ିଆଇ ଦେବତା ଆବିର୍ଭାବ ହୋଇଥିଲେ। ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ଦେବୀଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ । ଅନେକ ମାନସିକଧାରୀ ଦେବତାଙ୍କଠାରୁ ଫୁକାଝରା ହୋଇ ଫଳପ୍ରାପ୍ତି ପାଇଁ ମାନସିକ ରଖିଥିଲେ। ଦେବତା ପାରମ୍ପରିକ ବାଦ୍ୟସହ ନୃତ୍ୟକରି ମନ୍ଦିର ପରିସରସ୍ଥ ବେଢ଼ା ପରିକ୍ରମା କରିବାପରେ ବୁଢ଼ିଆଇବନ୍ଧଠାରେ ବାଡିଖେଳ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ବଟବୃକ୍ଷତଳେ ପରମ୍ପରା ଅନୁସାରେ ଓଲଟ ନିଷାନକୁ ଦେହୁରୀମାନେ ପୂଜାର୍ଚ୍ଚନା କରିଥିଲେ । ପରେ ଦେବତାଙ୍କ ନିକଟରେ ଛେଳି, ମେଣ୍ଢା, କୁକୁଡା ଆଦି ପଶୁପକ୍ଷୀ ବଳି ପ୍ରଦାନ କରାଯାଇଥିଲା। ଯାତ୍ରାକୁ ପରିଚାଳନା କମିଟି ସଭାପତି ଜୟକୃଷ୍ଣ ପଟେଲ, ସମ୍ପାଦକ ରାଜ କିଶୋର ସେଠ, କୋଷାଧ୍ୟକ୍ଷ ଅଂଶୁମାନ କର୍ତ୍ତି, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ ଓ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନ(ବିଏନଏଏ)ର ସମସ୍ତ କର୍ତ୍ତା ସହଯୋଗ କରିଥିଲେ । ବୁଢୀଆଇ ଯାତ୍ରାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପୂର୍ବତନ ଏମ୍‌ପି ତଥା ରାଜ୍ୟ ହାଉସିଂ ବୋର୍ଡ ସଭାପତି କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ପୂର୍ବତନ ବିଡିସିସି ସଭାପତି ଲକ୍ଷ୍ମଣ କୁମାର ମେହେର, ବରିଷ୍ଠ ବିଜେଡି ନେତା ଉମା ଶଙ୍କର ସିଂ, ଦେଓଗାଁ ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ବହିଦାର ପ୍ରମୁଖ ଯୋଗଦେଇ ଆଶିର୍ବାଦଭିକ୍ଷା କରିଥିଲେ । ଚଳିତ ବୁଢୀଆଇ ଯାତ୍ରାରେ ଶହସ୍ରାଧିକ ଶ୍ରଦ୍ଧାଳୁଭକ୍ତଙ୍କ ସମାଗମ ହୋଇଥିଲା। ଶନିବାର ଗୋରସ ରୁକା ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ସେରଣି ବଣ୍ଟା କାର୍ଯ୍ୟକ୍ରମ ପରେ ସମସ୍ତ ଦେହୁରିଆଙ୍କୁ ଲାଟ ବଣ୍ଟନ କରାଯାଇଥିଲା।

## ନୃତ୍ୟ ସଙ୍ଗୀତ ବିଶାରଦ ଅରୁଣଙ୍କୁ କଳାରତ୍ନ ସମ୍ମାନ

**ଟିଟିଲାଗଡ, ୩।୭(ଶରତ ମିଶ୍ର)**

ଟିଟିଲାଗଡ ସହର ଶିରଭଟା ପଡା ନିବାସୀ ନୃତ୍ୟସଙ୍ଗୀତ ବିଶାରଦ ଅରୁଣ ସୁନା ରାଷ୍ଟ୍ରୀୟ କୋଣାର୍କ କଳା ମହୋତ୍ସବ-୨୩ରେ କଳାରତ୍ନ ଉପାଧି ଲାଭ କରିଛନ୍ତି। ଗତ ୨ତାରିଖରେ କୋଣାର୍କର ଓଟିଡିସି ଯାତ୍ରୀ ନିବାସଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ମହାସଂଘ ଭୁବନେଶ୍ୱର ପକ୍ଷରୁ ବ୍ୟକ୍ତିଗତ ଭାବେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପିଲା କାଳରୁ ନୃତ୍ୟ ସଙ୍ଗୀତ ପ୍ରତି ରୁଚି ରଖିଥିବା ଅରୁଣ ଅଲ ଇଣ୍ଡିଆ ରେଡିଓରେ ମେଣ୍ଡଲିଙ୍ଗ ଏବଂ ଗୀତାର ବର୍ଗରେ 'ବି' ହାଇ ଆର୍ଟିଷ୍ଟ ଭାବରେ ମାନ୍ୟତା ଲାଭ କରିଛନ୍ତି। ନୃତ୍ୟସଙ୍ଗୀତ ତଥା ଲୋକକଳାର ପ୍ରସାର ପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ତାରା କଳା କେନ୍ଦ୍ରର ଭୂମିକା ସୁଦୂର ପ୍ରସାରୀ। ବିଶେଷ କରି ଢାପ ବାଦ୍ୟ ସହ ରସରକେଲି, ମାଏଲାଜଡ, ଡାଲଖାଇ ଆଦି ନୃତ୍ୟରେ ଏହି ଅନୁଷ୍ଠାନର ପ୍ରସିଦ୍ଧି ଲାଭ କରିଛି। ଇଷ୍ଟର୍ନ ଜୋନାଲ କଲଚରାଲ ଆସୋସିଏଶନ କଲିକତାରେ ପଞ୍ଜିକୃତ ତାଙ୍କ ଅନୁଷ୍ଠାନ ଦେଶର ବିଭିନ୍ନ ସ୍ଥାନରେ ଲୋକକଳାର ପ୍ରଦର୍ଶନ କରି ପ୍ରଶଂସିତ ହୋଇଛି। ରେଳବାଇ ପକ୍ଷରୁ ଏହି ଅନୁଷ୍ଠାନକୁ ସ୍ୱୀକୃତି ପ୍ରଦାନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଦର୍ଶନ ସୁଯୋଗ ପ୍ରଦାନ କରାଯାଇଆସିଛି। ବୃତ୍ତିରେ ରେଳବାଇ କର୍ମଚାରୀ ଅରୁଣ ତାଙ୍କ ପ୍ରସିଦ୍ଧି ନେଇ ନିଜ ସହଧର୍ମିଣୀ ନିର୍ଝରିଣୀ ମହାରଣା ତଥା ବିଶିଷ୍ଟ କଳାକାର ଶାନ୍ତନୁ ବେହେରାଙ୍କୁ ଶ୍ରେୟ ଦେଇଛନ୍ତି। ପିତାଙ୍କ ପଦାଙ୍କ ଅନୁସରଣ କରି ଝିଅ ଏସ.ସାରା ଏବଂ ପୁଅ ଏସ.ଅନୁରାଗ ମଧ୍ୟ ନୃତ୍ୟଗୀତ ଶିକ୍ଷା ଲାଭ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି।


କୋଣାର୍କଠାରେ ଅରୁଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ଜରୁରୀ


ଆଗଲପୁର ବ୍ଲକ ଝାରବନ୍ଧଲି ଗ୍ରାମରେ ବୃକ୍ଷରୋପଣ ପୂର୍ବରୁ ବନ ବିଭାଗ ଓ ସମର୍ପଣ ଅନୁଷ୍ଠାନ କର୍ମକର୍ତ୍ତା।



ଗୁଡଭେଲା ଯାମୁଟ ଉଚ୍ଚ ବିଦ୍ୟାଳୟରେ ଅତିଥି ବୃକ୍ଷରୋପଣ କରୁଛନ୍ତି।


ଖପ୍ରାଖୋଲ ବ୍ଲକ ପିଙ୍ଗଳମୁଣ୍ଡା ଗାଁରେ ବୃକ୍ଷରୋପଣ ଅବସରରେ ବନ କର୍ମଚାରୀ ଓ ଅନ୍ୟମାନେ।

**ଲୋଇସିଂହା, ୩।୭(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝାରବନ୍ଧଲି ଗ୍ରାମରେ ସମର୍ପଣ ଅନୁଷ୍ଠାନ ଓ ବନ ବିଭାଗ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ସାଲେଭଟା ଫରେଷ୍ଟର ଅଶୋକ ନାୟକ ଓ ବିମ୍ବାଧର ଭୋଇ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜଙ୍ଗଲ ଧ୍ୱଂସ ଯୋଗୁ ଜଳବାୟୁ ପରିବର୍ତ୍ତନ, ବର୍ଷା ଅନିୟମିତତା, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଏହାକୁ ପ୍ରତିହତ କରିବାକୁ ହେଲେ ସମ୍ମିଳିତଭାବେ ଜଙ୍ଗଲକୁ ସୁରକ୍ଷା ଦେବା ସହ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଥିବା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହୃଦୟାନନ୍ଦ ଠାକୁରଙ୍କ ସମେତ ଅନୁଷ୍ଠାନର ପ୍ରେମାନନ୍ଦ ପଧାନ, ସୁଜିତ କର୍ଣ୍ଣ, ସୁନୀଲ ରାଉତ, ଜିତେନ୍ଦ୍ରୀୟ ସାହୁ, ସରୋଜ ମହାକୁର, କୁଶ ସେଠ, ବିକାଶ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ । ସଭାପରେ ଅତିଥି ଓ ଅନୁଷ୍ଠାନ ସଦସ୍ୟ ସ୍ଥାନୀୟ ପଡିଆରେ ବୃକ୍ଷରୋପଣ କରିଥିଲେ ।

### ଅଧିକରୁ ଅଧିକ ବୃକ୍ଷରୋପଣକୁ ଗୁରୁତ୍ୱ

**ଗୁଡ଼ଭେଲା(ମନୋଜ କୁମାର ଜୈନ):** ବନବିଭାଗ ପକ୍ଷରୁ ଗୁଡ଼ଭେଲା ବ୍ଲକ ଯାମୁଟ ଓ ଦେମୁହାନ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଯାମୁଟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଭାବସିଂ ମାଝି ମୁଖ୍ୟ ଅତିଥି, ଦେଓଗାଁ ବନକ୍ଷେତ୍ରପାଳ ଆଲୋକ କୁମାର ମାଝି, ଗୁଡ଼ଭେଲା ବନପାଳ ମଧୁସୂଦନ ଚାନ୍ଦ ଓ ପ୍ରଧାନଶିକ୍ଷକ ଅଖିଳ ଷଡଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଯାମୁଟ ବିଟ୍ ବନରକ୍ଷୀ ପ୍ରଶାନ୍ତ ବେହେରା, ଟାପସୁଗୁଡା ବିଟ୍ ବନରକ୍ଷୀ ରାଜ କୁମାର ଧରୁଆ, ବନରକ୍ଷୀ ସୁକାନ୍ତୀ ସରାଫ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧିକରୁ ଅଧିକ ବୃକ୍ଷରୋପଣ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଦେମୁହାନ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରୁଦ୍ର ହର୍ଷୋଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ। ଦୁଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

### ବୃକ୍ଷରୋପଣ ସହ ଜଙ୍ଗଲ ସୁରକ୍ଷା କରିବାକୁ ଆହ୍ୱାନ

**ଖପ୍ରାଖୋଲ(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରଖୋଲ ବ୍ଲକ ଘୁନସର ପଞ୍ଚାୟତ ପିଙ୍ଗଳମୁଣ୍ଡା ଗାଁରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପିଙ୍ଗଳମୁଣ୍ଡା ଗାଁ ଜଙ୍ଗଲ ନୂତନ ନର୍ସରି ନିକଟରେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗଙ୍କ ଅଧକ୍ଷତାରେ ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ବିଡିଓ ବିଜୟ କୁମାର ହୋତା ଯୋଗଦେଇ ପରିବେଶ ଓ ଜଳବାୟୁ ସନ୍ତୁଳନ ରକ୍ଷା ନିମନ୍ତେ ବୃକ୍ଷରୋପଣ କରିବା ସହିତ ଜଙ୍ଗଲ ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁ ଲିଫ ରେଞ୍ଜ ଅଧିକାରୀ ସତ୍ୟମଞ୍ଜରୀ ତାଣ୍ଡି, ଏବିଓ ମିନିକେତନ ବରିହା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ସ୍ୱପ୍ନେଶ୍ୱର ନାଏକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରବୀଣ କୁମାର ଅଗ୍ରୱାଲ, ପୂର୍ବତନ ସରପଞ୍ଚ ମୋହନ ସୁନା, ବନପାଳ ସୁଧୀର ଜେନା, ଘାସୀରାମ ଦୀକ୍ଷିତ, ସନ୍ଧ୍ୟା ସେଠ, ସାମାଜିକ କର୍ମୀ ଗଙ୍ଗାଧାର ପଧାନ, ଅଙ୍ଗନୱାଡ଼ି କର୍ମୀ କଲ୍ୟାଣୀ ମିଶ୍ର, ଆମ ଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ପ୍ରମୁଖ ଯୋଗଦେଇ ପିଙ୍ଗଳମୁଣ୍ଡା ଗ୍ରାମବାସୀଙ୍କ ଉପସ୍ଥିତିରେ ବୃକ୍ଷ ରୋପଣ କରାଯାଇଥିଲା।




## ଆଜି କ'ଣ କେଉଁଠି

ରାଉରକେଲା

- ମହିଳା ହକି ଚାମ୍ପିୟନଶିପ୍, ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସକାଳ ୭ଟା ।
- ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ, ବିଶ୍ରା ଡାହାର ରୋଡ୍, ସକାଳ ୧୧ଟା।
- ଅଲ୍ ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ, ଛେଣ୍ଡ ହକି ଷ୍ଟାଡିୟମ, ସକାଳ ୧୦ଟା।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ଜଣେ ଅଟକ

**ରାଉରକେଲା,୩।୭(ଦିନେଶ ମିଶ୍ର):** ଉଦିତନଗର ଥାନା ଅନ୍ତର୍ଗତ ଓରାମପଡା ଅଞ୍ଚଳର ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୦୮।୨୩) ରୁଜୁ କରି ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ସୂଚନା ଅନୁସାରେ, ଓରାମପଡା ଗୁଡାଖୁ ଫ୍ୟାକ୍ଟ୍ରି ଅଞ୍ଚଳର ସଞ୍ଜୀପ ଚୌଧୁରୀ ସୋମବାର ଅପରାହ୍ନ ସାଢେ ୫ଟାରେ ଡେଲିମାର୍କେଟ ଗଦିକୁ ଯାଇଥିଲେ। ସେଠାରୁ ସେ ପରିବା ଧରି ଘରକୁ ଫେରୁଥିବା ସମୟରେ ଓରାମପଡା ଲକ୍ଷ୍ମୀମନ୍ଦିର ଛକ ନିକଟରେ କିଛି ଯୁବକ ତାଙ୍କୁ ମଝି ରାସ୍ତାରେ ଓଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ସଞ୍ଜୀପ ବିରୋଧ କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

### ସାର୍ବଜନୀନ ଶୌଚାଳୟରେ ନାହିଁ ପାଣି ବ୍ୟବସ୍ଥା



**ରାଉରକେଲା,୩।୭ (ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା-୧୫ ଟିସ୍କୋ କ୍ୱାରି ସିଡିଙ୍ଗ କଲୋନୀରେ ଆର୍‌ଏମ୍‌ସି ପକ୍ଷରୁ ନିର୍ମିତ ୨୦ଟି ସାର୍ବଜନୀନ ଶୌଚାଳୟରେ ପାଣି ବ୍ୟବସ୍ଥା ନାହିଁ। ଫଳରେ କଲୋନୀ ବାସିନ୍ଦା ଅସୁବିଧା ଭୋଗୁଛନ୍ତି। ସୂଚନା ଅନୁସାରେ, ସିଡିଙ୍ଗ କଲୋନୀରେ ଖୋଲା ଶୌଚ ଉପରେ ପ୍ରତିବନ୍ଧକ ଲଗାଯିବା ପରେ ଆରଏମସି ପକ୍ଷରୁ ସାର୍ବଜନୀନ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏଥିରେ ସ୍ୱତନ୍ତ୍ର ଭାବେ ଦିବ୍ୟାଙ୍ଗ, ମହଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ରହିଲା। ମାତ୍ର ଆଜିକୁ ୪ଦିନ ହେଲା ସମୁଦାୟ ଶୌଚାଳୟରେ ପାଣି ସମସ୍ୟା ଯୋଗୁ ଏହା ବନ୍ଦ ହୋଇପଡିଛି। କିଛି ସଚେତନ ବ୍ୟକ୍ତି ବାହାରୁ ପାଣି ଆଣି ଶୌଚାଳୟରେ ଶୌଚ କାର୍ଯ୍ୟ ତୁଲାଉଛନ୍ତି। ଅଧିକାଂଶ ଲୋକ ନଦୀ ମଧବର୍ତ୍ତୀ ଅଞ୍ଚଳକୁ ଶୌଚ ପାଇଁ ବ୍ୟବହାର କରିବା ଦ୍ୱାରା ଏହା ଅପରିଷ୍କାର ହେବାରେ ଲାଗିଛି। ପାଣି ବିନା ସ୍ନାନଶୌଚ ହେବା କଲୋନୀବାସୀଙ୍କ ପାଇଁ ସମସ୍ୟା ହୋଇଛି। ତୁରନ୍ତ ଶୌଚାଳୟ ଗୁଡିକରେ ପାଣି ବ୍ୟବସ୍ଥା କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କଲୋନୀର କାନ୍ହୁ ନାଇକ, କୁନୁ ଖାଡିଆ, ରଶ୍ମୀ ଖାଡିଆ, ମୀନା କେରକେଟା ପ୍ରମୁଖ ଆର୍‌ଏମ୍‌ସି ନିକଟରେ ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ଶୌଚାଳୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଏହାର ସମାଧାନ ପାଇଁ କୁହାଯିବ ବୋଲି ସେ କହିଥିଲେ।



**ବିପଦସଙ୍କୁଳ ଯାତ୍ରା:** ରାଉରକେଲା ନିକଟ କୋଏଲ ନଦୀର ହମିରପୁର ଘାଟରେ ବନ୍ୟାପାଣି ଆସି ବାଉଁଶ ପୋଲ ଭାସିଯିବାରୁ ଲୋକମାନେ ଡଙ୍ଗାରେ ନଦୀ ପାର ହେଉଛନ୍ତି। **(ଫଟୋ: ବିବେକ)**

## କବାଟ ଭାଙ୍ଗି କଳାକନା ବୁଲାଇଲେ ଚୋର

**ରାଉରକେଲା,୩।୭ (ବିପ୍ଳବ ରଞ୍ଜନ ଦାଶ)**

ଦୁର୍ବୃତ୍ତମାନେ ରବିବାର ରାତିରେ ରାଉରକେଲା ସେକ୍ଟର-୪ସ୍ଥିତ କ୍ୱାର୍ଟର ନଂ-୪.ଏ/୩୩୦ରେ କବାଟ ଭାଙ୍ଗି ସୁନା ଗହଣା ଓ ନଗଦ ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ଘର ମାଲିକ ସୁବିମାଲ ଭଟ୍ଟାଚାରୀ ସେକ୍ଟର-୩ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୬।୨୩) ରୁଜୁ କରି ତନାଘନା ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ରବିବାର ବିଳମ୍ବିତ ରାତିରେ ପରିବାର ଲୋକେ ଶୋଇଥିବା ବେଳେ ଚୋରମାନେ ଘର ଭିତରକୁ ରାସାୟନିକ ଗ୍ୟାସ ଛାଡିଥିଲେ। ଏହାର ପ୍ରଭାବରେ ସମସ୍ତେ ମୂର୍ଚ୍ଛିତ ଅବସ୍ଥାରେ ଶୋଇପଡିବା ପରେ ଚୋରମାନେ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ ଏବଂ ଆଲମିରାରୁ ସୁନା ଅଳଙ୍କାର ଓ ୪ହଜାର ଟଙ୍କା ନେଇଯାଇଥିଲେ।

# ଯମୁନାନାକୀ-ଟିସ୍କୋ ବ୍ରିଜ୍ କାମ ଧିମା

**ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ)**



- ନିର୍ଦ୍ଧାରିତ ଅବଧିରେ ଶେଷ ହେବା ନେଇ ଆଶଙ୍କା
- କୁଆଁରମୁଣ୍ଡା, ବିରମିତ୍ରପୁରରେ ଜନ ଅସନ୍ତୋଷ

ରାଉରକେଲା ନିକଟ କୋଏଲ ନଦୀ ଉପରେ ଯମୁନାନାକୀ-ଟିସ୍କୋ ବ୍ରିଜ୍ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। କାର୍ଯ୍ୟ ଅବଧି ପୂରଣକୁ ଆଉ ମାତ୍ର ୫ ମାସ ବାକି ରହିଥିବା ବେଳେ ବ୍ରିଜ୍‌ର ୫୦ଭାଗ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ନିର୍ଦ୍ଧାରିତ ସମୟରେ ଏହି ବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷେ ବ୍ରିଜ୍ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କୋଏଲ ନଦୀରେ ବ୍ରିଜ୍ ନିର୍ମାଣ ପାଇଁ ୨୦୧୭ରେ ଜିଲା ଖଣିଜ ପାଣ୍ଠିରୁ ୩୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୧-୨୨ରେ ଏହି ବ୍ରିଜ୍ କାମ ଆରମ୍ଭ ହୋଇଥିବା ବେଳେ ୨୦୨୩-୨୪ରେ ଶେଷ କରିବା ପାଇଁ ଅବଧି ରହିଛି। ନଦୀରେ ମୋଟ୍ ୧୫ଟି ପିଲରରୁ ୧୦ଟି ନିର୍ମାଣ ହୋଇଛି। ୪ଟି ପିଲର ଉପରେ ସ୍ଲାବ୍ ପଡିଥିବା ବେଳେ ୫ଟି ପିଲର ନଦୀରୁ ସାମାନ୍ୟ ଉପରକୁ ଉଠିଛି। ୬ଟି ପିଲର ଏଯାଏ ଉପରକୁ ଉଠିନାହିଁ। ମାତ୍ର ୫ଶହ ମିଟର ଯମୁନାନାକୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଧିମା ଯୋଗୁ କୁଆଁରମୁଣ୍ଡା ଓ ବୀରମିତ୍ରପୁର ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଯମୁନାନାକୀ-ଟିସ୍କୋ ବ୍ରିଜ୍ ନିର୍ମାଣ କାମ ଶେଷ ହେଲେ ରାଉରକେଲାକୁ କୁଆଁରମୁଣ୍ଡା, ବୀରମିତ୍ରପୁର ବ୍ଲକ ଅଧୀନ ୫୦ ଗ୍ରାମପଞ୍ଚାୟତର ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସୁଗମ ଯାତାୟାତ ହୋଇପାରିବ। ଦୈନିକ ରାଉରକେଲା ଆର୍‌ଜିଏଚ୍ ଓ ରେଳଷ୍ଟେଶନକୁ ଆସୁଥିବା ଲୋକଙ୍କ ପାଇଁ ସୁବିଧାଜନକ ହେବ। ଅନ୍ୟପକ୍ଷେ କୁଆଁରମୁଣ୍ଡାରେ କୌଣସି ସରକାରୀ ଯୁକ୍ତ ୨ ଓ ୩ ମହାବିଦ୍ୟାଳୟ ନାହିଁ। ଏକମାତ୍ର ପ୍ରାଇଭେଟ୍ କଲେଜରେ ସିଟ୍ ସଂଖ୍ୟା ମାତ୍ର ୬୪। ଏମିତିରେ କୁଆଁରମୁଣ୍ଡା ବ୍ଲକରୁ ଦୈନିକ ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦୈନିକ ରାଉରକେଲା ମ୍ୟୁନିସିପାଲ ସରକାରୀ କଲେଜକୁ ଅଧ୍ୟୟନ କରିବାକୁ ଆସୁଛନ୍ତି। ଏଣୁ ବ୍ରିଜ୍ ନିର୍ମାଣ ହେଲେ ଉଭୟ ବ୍ଲକର ଲୋକେ ରାଉରକେଲାକୁ ଆସିବାର ଦୂରତା କମିଯିବ। ଏହାସହ ବ୍ୟବସାୟିକ, ଶୈକ୍ଷିକ ଓ ସାମାଜିକ କ୍ଷେତ୍ରରେ ବିକାଶ ସାଧିତ ହେବ। ରାଉରକେଲାକୁ ଉଭୟ ବ୍ଲକବାସୀଙ୍କ ଆସିବାରେ ଦୁର ରାସ୍ତା ଯୋଗୁ ଆର୍ଥିକ ବ୍ୟୟ ସହ ସମୟ ନଷ୍ଟ ହେଉଛି। ଏହି ବ୍ରିଜ ନିର୍ମାଣ ହେଲେ ଉଭୟ ବ୍ଲକ ସମେତ ନୂଆଁଗାଁ ବ୍ଲକର ପୁରୁଣାପାଣି ଗ୍ରାମପଞ୍ଚାୟତ, ବୀରମିତ୍ରପୁର ମ୍ୟୁନିସିପାଲିଟି, ଝାଡ଼ଖଣ୍ଡର ସିମଡେଗାରୁ ଲୋକମାନେ ବିଭିନ୍ନ ସେବା ପାଇଁ ରାଉରକେଲା ଆସିପାରିବେ।

ତେବେ ବ୍ରିଜ ନିର୍ମାଣ ଯଥାଶୀଘ୍ର ଶେଷ କରିବାକୁ କୁଆଁରମୁଣ୍ଡା ବ୍ଲକ ନାଗରିକ କମିଟିର ସଂଯୋଜକ ରାଜେଶ କେରକେଟା, ଘନଶ୍ୟାମ ଦେବତା, ରାଜୁ ଜୁଆରୀ ପ୍ରମୁଖ ସୁନ୍ଦରଗଡ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ବ୍ରିଜ୍ ନିର୍ମାଣକାରୀ ସଂସ୍ଥା ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକ୍‌ଶନର ସୁପରଭାଇଜର ଅମୀୟ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ,୨୦୨୧ରେ ବ୍ରିଜ୍ କାମ କାମ ଆରମ୍ଭ କରାଗଲା। ୨୦୨୪ରେ ଶେଷ ହେବ। ବ୍ରିଜ୍‌ର ୧୫ଟି ପିଲରରୁ ୫ଟି ବାକି ରହିଛି। ନଦୀରେ ବର୍ଷା ପାଣି ଆସିଯାଇଥିବାରୁ କାମ ବନ୍ଦ ଅଛି। ଆଉ କିଛି ଦିନ ପରେ କାମ ଆରମ୍ଭ ହୋଇଯିବ ବୋଲି ସେ କହିଥିଲେ।

## ଶ୍ରମିକ ସମସ୍ୟା ଉପରେ ଆଲୋଚନାଚକ୍ର

**ରାଉରକେଲା,୩।୭(ସଙ୍ଗୀତା ଜେନା)**

ରାଉରକେଲା ମଜଦୁର ସଭାର ସହରାଞ୍ଚଳ କାର୍ଯ୍ୟାଳୟରେ ସୁନ୍ଦରଗଡ଼ ଜିଲା ହିନ୍ଦ୍ ମଜଦୁର ସଭା ସହବନ୍ଧିତ ଶ୍ରମ ସଙ୍ଗଠନ ସମନ୍ୱୟ କମିଟି ପକ୍ଷରୁ ରବିବାର ପୂର୍ବାହ୍ନରେ 'ସାମ୍ପ୍ରତିକ ଅବସ୍ଥାରେ ଶ୍ରମିକ ସମସ୍ୟା ଓ ଶ୍ରମ ସଙ୍ଗଠନର ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ମଜଦୁର ସଭା ସଭାପତି ଶଶଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଅକ୍ଷୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଷ୍ଟ୍ରାୟତ୍ତ ଶିଳ୍ପ ଆର୍‌ଏସ୍‌ପିରେ କାର୍ଯ୍ୟରତ ସ୍ଥାୟୀ ଶ୍ରମିକଙ୍କ ବିଳମ୍ବିତ ମଜୁରୀ ଚୁକ୍ତିନାମା, ୩୯ ମାସର ବକେୟା ରାଶି ପ୍ରଦାନ, ଗ୍ରାଚ୍ୟୁଇଟି କଟକଣା, ଠିକା ଶ୍ରମିକମାନେ ହେଉଥିବା ଶୋଷଣର ଶିକାର, ଛଟେଇ, ସାମାଜିକ ସୁରକ୍ଷାର ଖୋଲାଖୋଲି ଉଲଂଘନ, କାର୍ଯ୍ୟସ୍ଥଳରେ ସୁରକ୍ଷା ଅବ୍ୟବସ୍ଥା ଭଳି ସମ୍ବେଦନଶୀଳ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ହରେକୃଷ୍ଣ ପାଢ଼ୀ, ଆଦିକନ୍ଦ ଭୋଳ, ଅରୁଣ ପରିଡ଼ା, ସୁରେନ୍ଦ୍ର ନାଥ ଜେନା, ପ୍ରଭାକର ଚମ୍ପତିରାୟ, ଦିଗମ୍ବର ମହାନ୍ତି, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଚ୍‌ଏମ୍‌ଏସ୍ ସହବନ୍ଧିତ ବହୁ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପସଭାପତି କଳାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ଶ୍ରମ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

## ତିଲକାନଗର ବସ୍ତି ସମସ୍ୟା ନେଇ ଆଲୋଚନା



ପ୍ରଶାନ୍ତ ସେଠୀ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି।

**ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ)**

ରଘୁନାଥପାଲ୍ଲୀ ନିର୍ବାଚନମଣ୍ଡଳୀ ଅଧୀନ ବନ୍ଧମୁଣ୍ଡା ତିଳକାନଗର ବସ୍ତି ସମସ୍ୟା ନେଇ ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ବସ୍ତିବାସୀଙ୍କ ସହ ରବିବାର ଆଲୋଚନା କରିଛନ୍ତି। ବସ୍ତିର ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କ ଭତ୍ତା, ରାଶନକାର୍ଡ, ଚିକିତ୍ସା ଜନିତ ସମସ୍ୟାଗୁଡିକର କିଭଳି ସମାଧାନ ହେବ ସେ ନେଇ ସେଠୀ ଆଲୋଚନା କରିଥିଲେ। ସେହିପରି ତିଳକାନଗର ବସ୍ତିରେ ପାନୀୟ ଜଳ ଓ ଡ୍ରେନେଜ ସମସ୍ୟା ରହିଛି। ଏହି ସମସ୍ୟାଗୁଡିକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ସାମାଜିକ କର୍ମୀ ସେଠୀ ବସ୍ତିବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ସେଠୀଙ୍କ ସହ ମଦନମୋହନ ଜେନା, ବାସନ୍ତୀ ଜେନା, ସନ୍ଧ୍ୟା ମୁଦୁଲି, ସଞ୍ଜୟ ବେହେରା, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହରିୟାଣା ନାଗରିକ ସଂଘ ବୈଠକ

**ରାଉରକେଲା,୩।୭(ଦିନେଶ ମିଶ୍ର)**

ଡେଲିମାର୍କେଟ ସ୍ଥିତ ହରିୟାଣା ଭବନରେ ହରିୟାଣା ନାଗରିକ ସଙ୍ଗଠନ ପକ୍ଷରୁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସଙ୍ଗଠନକୁ କିଭଳି ସୁଦୃଢ଼ କରିହେବ ସେ ନେଇ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏଥିସହ ଆସନ୍ତା ଦୁଇ ବର୍ଷ ଭିତରେ ହରିୟାଣା ଭବନର ଉନ୍ନତୀକରଣ କାମ ସାଙ୍ଗକୁ ପାର୍କିଂ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ନରେଶ ଅଗ୍ରୱାଲ ଅଧ୍ୟକ୍ଷ, ନିଶି ଆରିୟା ଉପାଧ୍ୟକ୍ଷ, ସୁବାଷ ଶ୍ୟାମପୁରିଆ ସମ୍ପାଦକ, ପଙ୍କଜ ଅଗ୍ରୱାଲ କୋଷାଧ୍ୟକ୍ଷ ଏବଂ ବ୍ରୀଜମୋହନ ଅଗ୍ରୱାଲ, ହରିରାମଜୀ ଅଗ୍ରୱାଲ, ବିଷ୍ଣୁଦୟାଲ ଅଗ୍ରୱାଲ, ଡ. ସୁରେଶ ବଂଶଲଙ୍କୁ ଟ୍ରଷ୍ଟି ଭାବେ ଚୟନ କରାଯାଇଥିଲା। ବବଲ ଗୟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧମୁଣ୍ଡା ଅଞ୍ଚଳ ପ୍ରତି ଅବହେଳା ଦୁର୍ଭାଗ୍ୟଜନକ

**ରାଉରକେଲା, ୩।୭(ସଙ୍ଗୀତା ଜେନା)**

ରାଉରକେଲା ମହାନଗର ନିଗମ ଅଧୀନ ବନ୍ଧମୁଣ୍ଡା ବସ୍ତି ଅଞ୍ଚଳ ପ୍ରତି ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସର ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି ଅଭିଯୋଗ କରିଛନ୍ତି। ସେ ସୋମବାର ୨୩ ନମ୍ବର ୱାର୍ଡ ଡିଜେଲ କଲୋନୀର ସିଦ୍ଧି ମନ୍ଦିର ବସ୍ତି, କେ. କେବିନ ବସ୍ତି ଅଞ୍ଚଳ ବୁଲି ସ୍ଥାନୀୟ ବାସିନ୍ଦାମାନଙ୍କ ସହିତ ଆଲୋଚନା କରିଛନ୍ତି। ସୂଚନା ଅନୁସାରେ, ସିଦ୍ଧ ମନ୍ଦିର ବସ୍ତିରେ ଦୁଇଟି ରାସ୍ତାକୁ ଦୀର୍ଘବର୍ଷ ହେଲା ଅସମ୍ପୂର୍ଣ୍ଣ କରି ଛାଡି ଦିଆଯାଇଥିବା ବେଳେ ନାଳି ମୁକୁଳା ପଡିଛି। ସେହିପରି ନୂତନ ନାଳି ନିର୍ମାଣ କରାଯାଉନାହିଁ। ପୂର୍ବରୁ ନିର୍ମିତ କଂକ୍ରିଟ୍ ରାସ୍ତା ଭାଙ୍ଗିରୁଜି ଯାଇଥିବାରୁ ମରାମତିର ମଧ ହେଉନାହିଁ। କେ. କ୍ୟାବିନ ବସ୍ତିରେ ଅଦ୍ୟାବଧି ପକ୍କା ନାଳିଟିଏ ନାହିଁ। ବସ୍ତିରେ ଅଦ୍ୟାବଧି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇନାହିଁ। ଦୁଇଟି ନଳକୂପରୁ ଗୋଟିଏ ଅଚଳ ଥିବାରୁ ବସ୍ତିବାସୀ ଅସୁବିଧା ଭୋଗୁଛନ୍ତି। ବସ୍ତିର ଶ୍ରମିକ ଶ୍ରେଣୀର ଲୋକମାନଙ୍କୁ ଏପର୍ଯ୍ୟନ୍ତ ରାଶନ କାର୍ଡ ମିଳିନାହିଁ। ବସ୍ତି ମଧ୍ୟବର୍ତ୍ତୀ ଏକ ବଡ ନଳାରେ ଆବର୍ଜନା ପାଣି ଜମିବା ସହ ପରିବେଶ ପ୍ରଦୂଷିତ ହେଉଛି। ଏଠାରେ ଷ୍ଟ୍ରିଟ୍ ଲାଇଟ୍ ନାହିଁ। ଗରିବ ଲୋକଙ୍କୁ ପାଇଖାନା ମିଳିନାହିଁ। ଉକ୍ତ ସମସ୍ୟାଗୁଡିକୁ ନେଇ ସେନାପତି ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ବସ୍ତିବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା କଂଗ୍ରେସ ସମ୍ପାଦକ ସୁନୀଲ ସିଂହ, ରାଜେନ୍ଦ୍ର ଶର୍ମା, ନରେନ୍ଦ୍ର ବର୍ମା, ବାବୁ ମଲ୍ଲିକ, ଏମ୍‌ଡି ଇରଫାନ, କୁଆଁରସିଂହ ପିଣ୍ଟୁ, ସେବାଦଳର ବୁଲୁ ଦାସ, ଶ୍ୟାମ ସାଗର, ମନୋଜ ଦାସ, ଟୁନଟୁନ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ପରିତ୍ୟକ୍ତ ହୋଇ ପଡ଼ିଛି ଶୌଚାଳୟ

**ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ)**



ଶୌଚାଳୟ ସମ୍ମୁଖରେ ଗାଡ଼ି ରଖାଯାଇଛି।

ରାଉରକେଲା ଛେଣ୍ଡରେ ଥିବା ଉମାଶଙ୍କର ପୀଠକୁ ଦୈନିକ ଶତାଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ପୀଠରେ ବିବାହ, ବ୍ରତଘର ଭଳି ମାଙ୍ଗଳିକ କାର୍ଯ୍ୟ ମଧ ହୋଇଥିଏ। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ସମ୍ମୁଖରେ ମହାନଗର ନିଗମ ପକ୍ଷରୁ ୫ଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ମାତ୍ର ପରିତାପର ବିଷୟ ଏହି ଶୌଚାଳୟ ଏବେ ପରିତ୍ୟକ୍ତ ହୋଇପଡ଼ିଛି। ଏହାର ସମ୍ମୁଖରେ ଜଣେ ବ୍ୟକ୍ତି ନିଜର ଚାରିଚକିଆ ଭାରିଯାନ ସହିତ ଆନୁଷଙ୍ଗିକ ସାମଗ୍ରୀ ଗଚ୍ଛିତ କରି ରଖୁଥିବାରୁ ଶୌଚାଳୟ ବ୍ୟବହାର ହୋଇପାରୁ ନ ଥିବା ପୀଠର ପରାମର୍ଶଦାତା କହିଛନ୍ତି। ଶୌଚାଳୟ ଚତୁଃପାର୍ଶ୍ୱରେ ବ୍ୟାରିକେଡ଼ ଲଗାଇବା ପାଇଁ ପୀଠ କମିଟି ପକ୍ଷରୁ ଆରଏମ୍‌ସିକୁ କୁହାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ଦିର ସେବକ ଏବଂ ଶ୍ରଦ୍ଧାଳୁଙ୍କ ମହଲରେ ଦାବି ହେଉଛି। ପୀଠର ମୁଖ୍ୟ ପରାମର୍ଶଦାତା ଶଙ୍କର ପ୍ରସାଦ ତ୍ରିପାଠୀ କୁହନ୍ତି, ଶୌଚାଳୟ ସମ୍ମୁଖରେ ଯାନବାହାନ ନ ରଖିବା ଲାଗି ଗାଡ଼ି ମାଲିକଙ୍କୁ କୁହାଯାଉଛି। ମାତ୍ର ସେ ଗାଡି ହଟାଉନାହାନ୍ତି। ଏ ନେଇ ଶିବ ମନ୍ଦିରର ପୂଜକ ବସନ୍ତ କୁମାର ଦାସଙ୍କୁ ପଚାରିବାରୁ ପୀଠ କମିଟିର ଦୁର୍ବଳ କାର୍ଯ୍ୟକଳାପ ଯୋଗୁ ଏଭଳି ହେଉଛି। କେବଳ ଶୌଚାଳୟ ନୁହେଁ ପୀଠରେ ବହୁ ସମସ୍ୟା ରହିଛି। ମାତ୍ର କମିଟି ସମସ୍ୟା ଦିଗରେ ଦୃଷ୍ଟି ଦେଉନାହିଁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଛେଣ୍ଡ (ଟିସ୍କୋ) ରାଜସ୍ୱ ନିରୀକ୍ଷକ କୋମଳ ଲୋଚନ ତ୍ରିପାଠୀଙ୍କୁ ପଚାରିବାରୁ ଶୌଚାଳୟ ଆଗରେ ଯାନବାହାନ ଓ ଆନୁଷଙ୍ଗିକ ସାମଗ୍ରୀ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଦିବ୍ୟାଙ୍ଗ ଭାଇର ସେବା ପାଇଁ ଅବିବାହିତା ରହିଲେ ଭଉଣୀ

**ରାଉରକେଲା,୩।୭(ବିପ୍ଳବ ରଞ୍ଜନ ଦାଶ)**

ଦିବ୍ୟାଙ୍ଗ ଭାଇର ଜଗାରଖା କରିବା ପାଇଁ ଅବିବାହିତ ରହିଲେ ଭଉଣୀ। ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ରୁପୁଟୋଲାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ରୁପୁଟୋଲାର ମିଟୁ କୁମ୍ଭାର(୬୩) ଓ ତାଙ୍କ ଭଉଣୀ ଗୌରୀ କୁମ୍ଭାର(୪୧)। ୧୫ ବର୍ଷ ହେଲା ଏକ ଭଙ୍ଗା ଦଦରା ଘରେ ମାସିକ ୧୫ଶହ ଟଙ୍କା ଭଡାରେ ଉଭୟ ରହୁଛନ୍ତି। ଗୌରୀଙ୍କୁ ୧୪ବର୍ଷ ବୟସ ହୋଇଥିବା ବେଳେ ପିତା ବୈଷ୍ଣବ ଓ ମାତା ଚମ୍ପା ଆରପାରିକୁ ଚାଲିଗଲେ। ଭଉଣୀ ଗୌରୀଙ୍କ ସମସ୍ତ ଦାୟିତ୍ୱ ମିଟୁଙ୍କ ଉପରେ ପଡିଲା। ମିଟୁ ପାନପୋଷ ସ୍ଥିତ ଏକ ହୋଟେଲରେ କାମ କରୁଥିଲେ। ଦିନେ ମିଟୁ ହୋଟେଲରେ ଖାଦ୍ୟ ପ୍ରସ୍ତୁତ କରୁଥିବା ସମୟରେ ହଠାତ୍ ତଳେ ପଡି ଅଚେତ ହୋଇଗଲେ। ଗୌରୀ ତାଙ୍କୁ ନେଇ ଆଇଜିଏଚ୍‌ରେ ଭର୍ତ୍ତି କଲେ। ମିଟୁଙ୍କ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ, ସ୍ନାୟୁକୋଷ ନିଷ୍କ୍ରିୟ ହୋଇଯାଇଥିବାରୁ ଅସ୍ତ୍ରୋପଚାର କରିବାକୁ ପଡ଼ିବ ବୋଲି ଡାକ୍ତର କହିଲେ। ଘରୋଇ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର ହେଉଥିଲା। ଅର୍ଥ ଅଭାବରୁ ଗୌରୀ ତାଙ୍କୁ ଘରକୁ ନେଇଆସିଲେ। ଏହି ସମୟରେ ଗୌରୀଙ୍କୁ ୨୨ବର୍ଷ ହୋଇଥିଲା। ଏଭଳି ସ୍ଥିତିରେ ନିଜ ଭାଇର ଅସହାୟ ପରିସ୍ଥିତିକୁ ହୃଦୟଙ୍ଗମ କରି ଗୌରୀ ବାହାର ଲୋକଙ୍କ ଘରେ କାମ କଲେ। ଏହାସହ ମିଟୁଙ୍କ ଅନ୍ତିମ ସମୟ ପର୍ଯ୍ୟନ୍ତ ସେବା କରିବା ପାଇଁ ନିଷ୍ପତ୍ତି ନେଇ ଅବିବାହିତା ହୋଇ ରହିବାକୁ ସ୍ଥିର କଲେ। ଏମିତିରେ ଦେଖୁ ଦେଖୁ ଗୌରୀଙ୍କୁ ୪୧ବର୍ଷ ହେଲାଣି। ଭାଇଙ୍କ ଗାଧୋଇବା ଖାଇବାରୁ ଆରମ୍ଭ କରି ସମସ୍ତ ଦାୟିତ୍ୱ ସେ ତୁଲାଉଛନ୍ତି।

### ଉଭୟଙ୍କୁ ଅପହଞ୍ଚ ସରକାରୀ ଯୋଜନା



ନିରାଶ୍ରୟ ଭଉଣୀ ଭାଇ।

ମାତ୍ର ବିଡମ୍ବନା, ଅସହାୟ ଭଉଣୀ ଭାଇଙ୍କୁ ଏଯାଏ ସରକାରୀ ସହାୟତା ମିଳିପାରିନାହିଁ। ଜନପ୍ରତିନିଧିମାନେ ଭୋଟ ସମୟରେ ଜମି, ଭତ୍ତା ମିଳିବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ନିର୍ବାଚନ ପରେ ଭୁଲି ଯାଉଛନ୍ତି। ତେଣୁ ଅସହାୟ ଭଉଣୀଭାଇଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରିବାକୁ ରିପୁଟୋଲା ବସ୍ତିବାସିନ୍ଦା ଦାବି କରିଛନ୍ତି। ଏ ନେଇ ରାଉରକେଲା ମହାନଗର ନିଗମ ସାମାଜିକ ସୁରକ୍ଷା ଅଧିକାରିଣୀ ଚେତାବନୀ ବଡେଇଙ୍କୁ ପଚାରିବାରୁ ସେ କହିଲେ, ଭତ୍ତା ପାଇଁ ନିଶ୍ଚିତ ଭାବେ ଉଭୟ ଭଉଣୀଭାଇ ଯୋଗ୍ୟ ହିତାଧିକାରୀ। ଆଗକୁ କିଭଳି ଉଭୟଙ୍କୁ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ସେ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବଡେଇ କହିଛନ୍ତି।

## ଗୁରୁ ସତ୍ୟ ନାରାୟଣଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଆରମ୍ଭ

**ସମ୍ବଲପୁର,(ବି.ଶଙ୍କର):** ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ସୋମବାର ଆରମ୍ଭ ହୋଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟ ନାରାୟଣ ପ୍ରତିମୂର୍ତ୍ତି କମିଟି ଅଧ୍ୟକ୍ଷ ଡ. ପ୍ରମୋଦ ରଥଙ୍କ ପରିଚାଳନାରେ ପୂଜାବିଧି କରାଯାଇ ନିର୍ମାଣ କାମ ଆରମ୍ଭ କରାଯାଇଛି। ରେଙ୍ଗାଲି ବିଧାୟକ ତଥା ଅନୁଷ୍ଠାନର ଉପଦେଷ୍ଟା ନାଉରୀ ନାୟକ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ରାହୁଲ ଗୁପ୍ତା, ଲଳିତ ବେବର୍ତ୍ତା, ପଙ୍କଜିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ

**ରେଢ଼ାଖୋଲ,୩।୭(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ଥାନା ଘୋଷରାମାଳ ଗ୍ରାମର ଜଣେ ସ୍କୁଲଛାତ୍ରଙ୍କ ସୋମବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଗଗନ ରାଉଳଙ୍କ ପୁଅ ଆୟୁଷ ରାଉଳ(୮)। ଏ ନେଇ ରେଢ଼ାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୨୧/୨୩) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାମତେ ପୂର୍ବାହ୍ନରେ ଆୟୁଷ ତାଙ୍କ ସଂପର୍କୀୟ ଭାଇଙ୍କ କୁକୁଡାଫାର୍ମକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

### ବଳାତ୍କାର ଅଭିଯୋଗ: ବିବାହିତ ଯୁବକ ଗିରଫ

**ରେଢ଼ାଖୋଲ,୩।୭(ଅଚ୍ୟୁତାନନ୍ଦ ପୁରୋହିତ):** ଚାରମାଳ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ



କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ଚାରମାଳ ଥାନା ଅଦଫିନ କର୍ଡାପାଳ ଗ୍ରାମର ଗୌତମ ରଣା(୨୮)। ଗୌତମଙ୍କର ସ୍ତ୍ରୀ ସହ ଏକ ପୁତ୍ରସନ୍ତାନ ରହିଛି। ଅଭିଯୋଗ ଅନୁଯାୟୀ ଯୁବତୀ ଜଣକ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କାମ କରୁଥିବା ବେଳେ ଅଭିଯୁକ୍ତ ଗୌତମ ମଧ ଉକ୍ତ ଡାକ୍ତରଖାନାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଏକା ଅଞ୍ଚଳର ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଥିଲା। ଏପରିସ୍ଥଳେ ଗତ ଜୁନ ୧୨ ତାରିଖରେ ଯୁବତୀ ରହୁଥିବା ଭଡାଘରକୁ ଗୌତମ ଯାଇ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଏପରି କି ଏ ଘଟଣା ନେଇ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତେବେ ଦୀଘଦିନ ପରେ ଗତ ରବିବାର ଘଟଣା ସମ୍ପର୍କରେ ଯୁବତୀ ଜଣକ ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୪୫୦/୩୭୬(୨)(ଏନ)/୩୭୯/୫୦୬ରେ ଏକ ମାମଲା (ନଂ.୭୬/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

### ଘୋଷା ସ୍କୁଲରେ ଆନ୍ତର୍ଜାତିକ ପ୍ଲାଷ୍ଟିକ ବର୍ଜନ ଦିବସ

**କୁଚିଣ୍ଡା,୩।୭(ବିରଞ୍ଚି ଦର୍ଲା):** କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡାସ୍ଥିତ ଘୋଷା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୋମବାର ରୋପ ଚାଇଲ୍ଡ ଲାଇନ ପକ୍ଷରୁ ଆନ୍ତର୍ଜାତିକ ପ୍ଲାଷ୍ଟିକ ବର୍ଜନ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର ଧୁରୁଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଚେତନତା ସଭାରେ ସହକାରୀ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ପାଙ୍ଗଯୋଶୀ ଓ ପୁଷ୍ପାଞ୍ଜଳି ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପ୍ଲାଷ୍ଟିକ ବ୍ୟବହାରର ଭୟାବହତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଚାଇଲ୍ଡଲାଇନ କର୍ମୀ ନାମାନି ହେମ୍ବ୍ରମ ଅବଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ପରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ଚାଇଲ୍ଡ ଲାଇନ କର୍ମୀ ମିଲି ବାଦି ଓ ଭୂମିଶତୋ ଧୁରୁଆ ସହଯୋଗ କରିଥିଲେ।

# ୫୦ଦିନ ପରେ ବି ଗିରଫ ହୋଇନାହାନ୍ତି

**ଜମି ବିକ୍ରିରେ ମାଲିକ, ସାକ୍ଷୀ ସବୁ ନକଲି ଘଟଣା**

**■ଖୋଲାରେ ବୁଲୁଛନ୍ତି ଅଭିଯୁକ୍ତ ମଧ୍ୟସ୍ଥି**

**ସମ୍ବଲପୁର,୩।୭(ଶୁଭାଶିଷ ପାଢ଼ୀ)**

ଝୁଝୁମୁରା ତହସିଲ ଅନ୍ତର୍ଗତ କୟାକୁଦ ଗ୍ରାମର ପ୍ରଫୁଲ୍ଲ ରଣାଙ୍କ ନାମରେ ଥିବା ଜମିକୁ ମାଲିକ, ସାକ୍ଷୀ ସବୁ ନକଲି କରାଯାଇ ବିକ୍ରି କରାଯାଇଥିଲା। ଏହାକୁ ନେଇ ମେ ୧୫ରେ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ଓ ପୋଲିସ ତତ୍ପରତା ପ୍ରକାଶ କରିଥିଲା। ଖୋଳତାଡ ହେବାରୁ ଜମିକ୍ରେତା ଜଗଦୀଶ ପଣ୍ଡା ପୁଣି ପ୍ରଫୁଲ୍ଲଙ୍କ ନାମରେ ଜମି ରେଜିଷ୍ଟ୍ରି କରିଦେଇଥିଲେ। ଅସଲି ମାଲିକ ଜମି ଫେରି ପାଇବା ପରେ ପୋଲିସ ଚୁପ ବସିଯାଇଛି। ଚକ୍ରାନ୍ତକତା କରିଥିବା ମଧ୍ୟସ୍ଥି, ସାକ୍ଷୀଙ୍କ ବିରୋଧରେ ପୋଲିସ ଠକେଇ ମାମଲା ରୁଜୁ କରିଛି। ହେଲେ ୫୦ ଦିନ ବିତିବା ପରେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ଏହି ଘଟଣାରେ ଜମି ରେଜିଷ୍ଟ୍ରେଶନ କରିଥିବା କର୍ମଚାରୀ ଓ ରେଜିଷ୍ଟ୍ରାରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି। ଜମି ମାଲିକ ପ୍ରଫୁଲ୍ଲଙ୍କ ଆଧାର କାର୍ଡ, ଫଟୋ ଏବଂ ସାକ୍ଷୀଙ୍କ ଆଧାର କାର୍ଡ ଓ ଫଟୋ ଯାଞ୍ଚ ହେବା ସତ୍ତ୍ୱେ କିଭଳି ଜମି ରେଜିଷ୍ଟ୍ରି ହେଲା ବୋଲି ପ୍ରଶ୍ନ ଉଠୁଛି। ପ୍ରଫୁଲ୍ଲ ଅଭିଯୋଗ କରିବା ପରେ ଏତେ ବଡ ଘଟଣା ପଦାକୁ ଆସିଥିଲା। ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯାହାର ଜମି ବିକ୍ରି ହୋଇଯାଇଥିବ ଓ ସେମାନେ କିଛି ଜାଣି ନ ଥିବେ। ଏଥିରେ ଏକ ବଡଧରଣର ର୍ୟାକେଟ କାମ କରୁଛି। ତୁରନ୍ତ ଏହାର ଯାଞ୍ଚ ନ କଲେ ଅନେକ ଜମି ମାଲିକ ଠକେଇର ଶିକାର ହେବା ନିଶ୍ଚିତ। ତେଣୁ ଶୀଘ୍ର ପୋଲିସ ମାମଲାକୁ ଗୁରୁତର ସହ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରୁ ବୋଲି ଦାବି ହେଉଛି।

ସୂଚନାଯୋଗ୍ୟ, ୨୦୨୨ ନଭେମ୍ବର ୨୨ରେ ୨୫ ହଜାର ଟଙ୍କା ଷ୍ଟାମ୍ପ ପେପରରେ କୟାକୁଦ ପଞ୍ଚାୟତ ଜରାସିଂହା ମୌଜାରେ ଥିବା ପ୍ରଫୁଲ୍ଲଙ୍କ ୪ ଏକର ୫୩ ଡେସିମିଲ ଜମି ବିକ୍ରି ହୋଇଥିଲା। ସମ୍ବଲପୁର ରେଜିଷ୍ଟ୍ରି ଅଫିସରେ ଜମି ମାଲିକ ପ୍ରଫୁଲ୍ଲଙ୍କ ସ୍ଥାନରେ ଅନ୍ୟଜଣଙ୍କ ଫଟୋ ଲଗାଇ ଜଗଦୀଶ ପଣ୍ଡାଙ୍କୁ ବିକ୍ରି କରାଯାଇଥିଲା। ଏଥିରେ ଦୁଇଜଣ ସାକ୍ଷୀ କରୁଣା ରଣା, ମନସୁର ଅଲ୍ଲି ଖାନଙ୍କ ନାମ ରହିଥିଲା। ତାହା ମଧ ନକଲି କି ଅସଲି ସନ୍ଦେହଘେରରେ ରହିଛି। ଏଥିରେ ପ୍ରାୟ ୬୫ ଲକ୍ଷ ଟଙ୍କା କାରବାର ହୋଇଥିଲା। ପଞ୍ଜିକରଣ କରିବାକୁ ଯିବା ସମୟରେ ପ୍ରଫୁଲ୍ଲ ଅନ୍ୟଜଣଙ୍କ ନାମରେ ଜମି ଥିବା ଜାଣି ଜିଲାପାଳ ଓ ପୋଲିସ ପାଖରେ ଅଭିଯୋଗ କରିଥିଲେ। ଏହା ଜାଣିବା ପରେ ଜୁନ ୨ରେ ଜମି କିଣିଥିବା ଜଗଦୀଶ ପଣ୍ଡା ପୁଣି ପ୍ରଫୁଲ୍ଲଙ୍କ ନାମରେ ରେଜିଷ୍ଟ୍ରି ଦେଇଥିଲେ। ଏ ସମ୍ପର୍କରେ ଝୁଝୁମୁରା ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ ଗଡନାୟକ କହିଛନ୍ତି, ମୁ ଦାୟିତ୍ୱ ନେବା ପୂର୍ବରୁ ଏହି ଘଟଣା ଘଟିଥିଲା। କେସ୍ ରେକର୍ଡ ଯାଞ୍ଚ କରିବା ପରେ କ’ଣ ସ୍ଥିତିରେ ରହିଛି ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ବଲବସପୁର ଠାକୁରଙ୍କ ନୀଳାଦ୍ରି ବିଜେ



ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ କରାଯାଉଛି।

**ସମ୍ବଲପୁର,୩।୭(ବି.ଶଙ୍କର)**

ସମ୍ବଲପୁର ବଲବସପୁର ଗ୍ରାମରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ସୋମବାର ପୂର୍ବାହ୍ନରେ ସମ୍ପନ୍ନ ହୋଇଛି। ସକାଳ ଆଳତି ଓ ପୂଜାର୍ଚ୍ଚନା ପରେ ଠାକୁରଙ୍କୁ ଧାଡି ପହଣ୍ଡିରେ ମନ୍ଦିର ପ୍ରବେଶ କରାଯାଇଥିଲା। ରବିବାର ଆଷାଢ଼ ଶୁକ୍ଳପକ୍ଷ ଚତୁଃର୍ଦ୍ଦଶୀ ତିଥିରେ ଗ୍ରାମ ପଡିଆରେ ରଥାରୂଢ଼ ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଆଖପାଖ ଗ୍ରାମର ଭକ୍ତମାନେ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ରାତ୍ରି ୯ଟା ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

## ମା’ଙ୍କୁ ଦୁର୍ବ୍ୟବହାର ପାଇଁ ହତ୍ୟା



ଗିରଫ ଅଭିଯୁକ୍ତମାନେ।

**ମା’ପୁଅ ସହ ସମ୍ପର୍କୀୟ ଗିରଫ**

**ସମ୍ବଲପୁର,୩।୭ (ଶୁଭାଶିଷ ପାଢୀ)**

ମା’ଙ୍କୁ ଦୁର୍ବ୍ୟବହାର କରିଥିବା ଜାଣିବା ପରେ ପୁଅ ପ୍ରଥମେ ଥାନାରେ ଅଭିଯୋଗ କରିଥିଲେ। ହେଲେ ଏଥିରେ ରାଗ ଶାନ୍ତ ପଡି ନ ଥିଲା। ଶେଷରେ ଦୁର୍ବ୍ୟବହାର କରିଥିବା ଯୁବକ କୈଳାସ ମେହେର (୪୫)ଙ୍କୁ ସଂଘବଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ଏଭଳି ଅଭାବନୀୟ ଘଟଣା ସୋମବାର ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଲେକ୍‌ଚର କଲୋନୀରେ ଘଟିଛି। ଏହି ଘଟଣାରେ ପୁଅ ରାଜେଶ ସେଠୀ (୨୫), ମା’ ତନୁ ସେଠୀ (୪୫) ଓ ରାଜେଶଙ୍କ ସମ୍ପର୍କୀୟ ସନ୍ତୋଷ ତାଣ୍ଡି (୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ୩୭୫/୨୩ରେ ମାମଲା ରୁଜୁ ହୋଇଛି। ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, କୈଳାସ କୌଣସି କାରଣକୁ ନେଇ ତନୁଙ୍କ ଶାଢ଼ି ଟାଣିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଅଭିଯୋଗ ହେବା ପରେ ପୋଲିସ ୩୭୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିଛିସମୟ ପରେ ଅନ୍ୟ ଅଭିଯୁକ୍ତମାନେ ପୁଣି କୈଳାସଙ୍କ ଘରକୁ ଆସି ଲାଠିରେ ଆକ୍ରମଣ କରିଥିଲେ। ସଂଘବଧ ଭାବେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ଟିମ୍ ଗଠନ କରି ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଲାଠି ଜବତ କରାଯାଇଛି।

## ବାମରା ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ

**କୁଚିଣ୍ଡା,୩।୭(ବିରଞ୍ଚି ଦର୍ଲା)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଉରୀଗୋଡା ଖେଳପଡିଆ ପରିସରରେ ସୋମବାର ବାମରା ବନଖଣ୍ଡ ପକ୍ଷରୁ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଜନସଚେତନତା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ, ବାମରା ଡିଏଫ୍ଓ ସମୀର ରଞ୍ଜନ ସାହୁ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ତହସିଲଦାର ପ୍ରସନ୍ନ ଟେଟେ, ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ, ସରପଞ୍ଚ ଗୋବର୍ଦ୍ଧନ ବାଘ, ସମିତିସଭ୍ୟ ପରେଶ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଶତାଧିକ ମହିଳାପୁରୁଷ ଓ ସ୍ୱେଚ୍ଛାସେବୀ ଯୋଗଦେଇ ୩ଶହ ଚାରା ରୋପଣ କରିଥିଲେ। ଏସିଏଫ୍ ଜିତେନ୍ଦ୍ର କୁମାର ବେହେରା ସଭା ପରିଚାଳନା କରିଥିବା ବେଳେ କୁଚିଣ୍ଡା ରେଞ୍ଜର ଶରତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ବନକର୍ମଚାରୀ ଦୀପକ ମହାନନ୍ଦ, ଦୁଷ୍ମନ୍ତ ଖର୍ସେଲ, ଗୋକୁଳ ନାଏକ, ଅନିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଚିତ୍ରଶିଳ୍ପୀ ଭୋଳାନାଥ ନାୟକଙ୍କୁ କଳାଋଷି ସମ୍ମାନ



ଭୋଳାନାଥ ନାୟକଙ୍କୁ କଳା ଋଷି ସମ୍ମାନରେ ସମ୍ମାନିତ କରାଯାଉଛି।

**ସମ୍ବଲପୁର,୩।୭(ବି.ଶଙ୍କର)**

ପବିତ୍ର ଗୁରୁପୂର୍ଣ୍ଣିମା ତିଥିରେ ସୋମବାର ସଂସ୍କାର ଭାରତୀ ସମ୍ବଲପୁର ଶାଖା ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାକ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଛି। ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକଙ୍କୁ ଲଳିତ ଚିତ୍ରକଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସଂସ୍କାର ଭାରତୀ ସମ୍ବଲପୁର ଶାଖା ପକ୍ଷରୁ କଳା ଋଷି ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଛି। ଭେଳାନାଥଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସଂଗଠନ କର୍ମକର୍ତ୍ତା ତାଙ୍କ ଅଇଁଠାପାଲିସ୍ଥିତ ବାସଭବନକୁ ଯାଇ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନମିତା ବଡ଼ପଣ୍ଡା, ସମ୍ପାଦକ କମଳ ଲୋଚନ ପଣ୍ଡା, ନାଟ୍ୟକାର ବିରୂପାକ୍ଷ ପ୍ରଧାନ, କୋଷାଧ୍ୟକ୍ଷ ଜଗଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ସଂଗ୍ରହାଳୟରେ ଭୋଳାନାଥଙ୍କ ଚିତ୍ର ଦେଖିବାକୁ ମିଳିଥାଏ। ଏଥସହ ଅନେକ ପୁସ୍ତକ ଓ ପତ୍ରପତ୍ରିକାର ପ୍ରଚ୍ଛଦପଟରେ ତାଙ୍କ ଦ୍ୱାରା ଅଙ୍କିତ ଚିତ୍ର ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ୮୬ ବର୍ଷ ବୟସରେ ମଧ ସେ ନିଜକୁ ଚିତ୍ରକଳା ପ୍ରତି ସମର୍ପିତ କରିଛନ୍ତି।

## ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁ ପୂର୍ଣ୍ଣିମା



ପତଞ୍ଜଳି ଯୋଗ କେନ୍ଦ୍ରଠାରେ ହୋମଯଜ୍ଞ କରାଯାଉଛି।

**ସମ୍ବଲପୁର,୩।୭(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ହୀରାକୁଦ କଲୋନୀସ୍ଥିତ ନିଃଶୁଳ୍କ ପତଞ୍ଜଳୀ ଯୋଗ କେନ୍ଦ୍ରଠାରେ ସୋମବାର ଗୁରୁ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ପ୍ରାର୍ଥନା କାର୍ଯ୍ୟକ୍ରମ ପରେ ପତଞ୍ଜଳୀ ଯୋଗ ସମିତି ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀଙ୍କ ପରିଚାଳନାରେ ହୋମ ଯଜ୍ଞ ହୋଇଥିଲା। ବ୍ୟାସ ଦେବଙ୍କ ଜନ୍ମ ଦିବସକୁ ଗୁରୁ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ବିଭିନ୍ନ ଯୋଗ ମୁଦ୍ରା ଓ ଆସନଗୁଡିକୁ ଅଭ୍ୟାସ କରାଇଥିଲେ। ଯୋଗଗୁରୁ ବାବା ରାମଦେବଙ୍କ ଫଟୋଚିତ୍ରରେ ପୂଜନ କରାଯାଇଥିଲା। ଭୂପେନ ଚାୱଲା, ଅଞ୍ଜନା ବାରିକ, ସୁଶାନ୍ତ ସାହୁ, ପ୍ରଶାନ୍ତ ମେହେର, ଦୀପକ ଅଗ୍ରୱାଲ, ନିଲମ ପ୍ରସାଦ, ବର୍ଷା ସୋନୀ, ବିଜୁ ପଟ୍ଟୱାର, ପଙ୍କଜିନୀ ରାଉତ, ପଦ୍ମିନୀ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଗଷ୍ଟ ୧୦ରୁ ସାମୂହିକ ଫାଇଲେରିଆ ଔଷଧ ସେବନ

**ସମ୍ବଲପୁର,୩।୭(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ସୋମବାର ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଫାଇଲେରିଆ ସାମୂହିକ ଔଷଧ ସେବନ ଉପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ପ୍ରଦୀପ କୁମାର ହୋତା (ଏଡିଷ୍ଟପିଏଚଓ), ଡା. ଅଶୋକ କୁମାର ଦାସ (ଡିପିଏଚ୍ଓ), ସଂଯୁକ୍ତା ସାହୁ (ଏବିଇଓ) ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଗୁଡିକରେ ଶତପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଫାଇଲେରିଆ ଔଷଧ ସେବନ କରାଇବା ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ମହାନଗର ନିଗମ, ଧନକଉଡା ଓ ମାନେଶ୍ୱର ବ୍ଲକ ଅଞ୍ଚଳରୁ ୫୯ଜଣ ବେସରକାରୀ ଓ ୧୮୦ଜଣ ସରକାରୀ ଶିକ୍ଷୟିତ୍ରୀଶିକ୍ଷକ ସଭାରେ ଯୋଗଦେଇ ମତ ପ୍ରଦାନ କରିଥିଲେ। ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ପାଇଁ ସାମୂହିକ ଔଷଧ ସେବନର କାର୍ଯ୍ୟକ୍ରମ ହେବ। ସିଟି ପ୍ରୋଗ୍ରାମ ମ୍ୟାନେଜର ନିକୁଞ୍ଜ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୨୦୩୦ ସୁଦ୍ଧା ଫାଇଲେରିଆ ମୁକ୍ତ ଓଡିଶା ଲକ୍ଷ୍ୟ ରହିଛି।

## ରିମାଣ୍ଡ ଉପରେ ରିମାଣ୍ଡ: ‘ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ’

**ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଗଣ୍ଡଗୋଳ ଘଟଣା**

**ସମ୍ବଲପୁର,୩।୭ (ଶୁଭାଶିଷ ପାଢୀ)**

ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ମାରପିଟ, ଗଣ୍ଡଗୋଳ, ପୋଡ଼ାଜଳା ଭଳି ଘଟଣା ଘଟିଥିଲା। ଏହି ଘଟଣାରେ ୧ ଶହରୁ ଊର୍ଦ୍ଧ୍ୱ ଗିରଫ ହୋଇ ଜେଲରେ ଅଛନ୍ତି। ଘଟଣାକୁ ନେଇ ପ୍ରାୟ ଆଢେଇ ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କ ଜାମିନ ହୋଇପାରୁ ନାହିଁ। ମାମଲାର ଶୁଣାଣି କରି ଜାମିନ ହେବା ସମୟରେ ପୋଲିସ ପୁଣି ଏକ ମାମଲାରେ ରିମାଣ୍ଡରେ ନେଉଛି। ଏଭଳି କରିବା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି ସମନ୍ୱୟ ସମିତି ସଭାପତି ଡାକ୍ତର ରାଜକୁମାର ବଡପଣ୍ଡା କହିଛନ୍ତି।

ସେ ଆହୁରି କହିଛନ୍ତି, ହନୁମାନ ଜୟନ୍ତୀ ଗଣ୍ଡଗୋଳ ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ନାହିଁ ସେମାନଙ୍କୁ ଗିରଫ କରାଯାଇ ହଇରାଣ କରାଯାଉଛି। ଶୀଘ୍ର ଏହାକୁ ବନ୍ଦ କରାଯାଉ। ଅଯଥାରେ ଗିରଫ କରିଥିବା ସଦସ୍ୟମାନଙ୍କୁ ଛାଡି ଦିଆଯାଉ ବୋଲି କହିଥିଲେ। ସୋମବାର ସମନ୍ୱୟ ସମିତି ସାଧାରଣ ସମ୍ପାଦକ ସମୀର ବାବୁଙ୍କୁ ରିମାଣ୍ଡରେ କୋର୍ଟକୁ ନିଆଯାଉଥିବା ବେଳେ ବଡପଣ୍ଡା ଏଭଳି ଅଭିଯୋଗ ଆଣିଥିଲେ। ଅନ୍ୟପଟେ ସମ୍ପାଦକ ବାବୁ ଅସନ୍ତୋଷ ପ୍ରକାଶ କରି କହିଥିଲେ, ସମନ୍ୱୟ ସମିତି ପକ୍ଷରୁ ଆଜି ପର୍ଯ୍ୟନ୍ତ ଥାନାରେ ଅଭିଯୋଗ କରାଗଲା ନାହିଁ। ଆମକୁ ସମର୍ଥନ କରୁଥିବା ଭାଜପା ଓ ଅନ୍ୟ ସଂଗଠନ କିଛି କହୁନାହାନ୍ତି। ଜେଲରେ ରହିବାରେ କିଛି ସମସ୍ୟା ନାହିଁ। ହେଲେ ଏକତା ଜାହିର କରି ପୋଲିସ କରୁଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବାକୁ କହିଥିଲେ। ଅନ୍ୟପଟେ ସମ୍ବଲପୁର ସିଭିଲ ସୋସାଇଟି ପକ୍ଷରୁ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ନେତୃତ୍ୱରେ ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟିଥିଲେ। ସେମାନେ ଅଭିଯୋଗ କରିଥିଲେ, କୌଣସି ଉତ୍ତେଜନା ନ ଥାଇ ଶାନ୍ତିପୂର୍ଣ୍ଣ ଭାବରେ ଯାଉଥିବା ଶୋଭାଯାତ୍ରା ଉପରେ ଆକ୍ରମଣ ହୋଇଥିଲା। ଏହା ପୂର୍ବ ପରିକଳ୍ପିତ ଥିଲା। ଘଟଣାସ୍ଥଳରେ ଦେଶ ବିରୋଧୀ ସ୍ଲୋଗାନ ଦିଆଯାଇଥିଲା। ଗିରଫଦାରିରେ ପକ୍ଷପାତ ନୀତି ଅବଲମ୍ବନ କରାଯାଇଛି। ହନୁମାନ ଜୟନ୍ତୀ ସମନ୍ୱୟ ସମିତିର କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରାଯାଇଛି। ସେମାନେ ଯେଭଳି ଶୀଘ୍ର ଖଲାସ ହୋଇ ନ ପାରିବେ ସେଥିପାଇଁ ବହୁ ଜଟିଳ ଦଫା ଲଦି ଦିଆଯାଇଛି।

## ରକ୍ଷଣାବେକ୍ଷଣ କାର୍ଯ୍ୟ: ୫ରେ ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର,୩।୭(ବି.ଶଙ୍କର)**

ରାଉରକେଲା ସହରର ୧୩୨/୩୩ କେଭି ଆରଇସିଓହମିରପୁର ଗ୍ରୀଡସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ। ତେଣୁ ଜୁଲାଇ ୫ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ ଶକ୍ତିନଗର, ଜଗଦା, ନୟାବଜାର, ଓଏସ୍ଏପି କଲୋନୀ, ବିଶ୍ରା, ଜରାଇକେଲା, ହମିରପୁର, ପାନବସ୍ତି, ଗିରିଧାରୀ ବସ୍ତି, ତାଞ୍ଜାଭଟା, ହମିରପୁର ସ୍କୁଲ, କଷ୍ଟାକଟର ପଡା, ଆରଜେଭି, ଭୋଜିଡୋଲା ପ୍ରଭୃତି ଅଞ୍ଚଳ ପ୍ରଭାବିତ ହେବ। ସାମୟିକ ବ୍ୟାହତ ସକାଶେ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ଜନସାଧାରଣଙ୍କ ସହଯୋଗ ଲାଗି ସୋମବାର ଏକ ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି।

## କିସିଣ୍ଡାରେ ବନ ମହୋତ୍ସବ ସପ୍ତାହ

**ନାକଟିଦେଉଳ,୩।୭(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ କିସିଣ୍ଡାଠାରେ ଖଳାଶୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟ କିସିଣ୍ଡା ରେଞ୍ଜ ପକ୍ଷରୁ ସୋମବାର ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। କିସିଣ୍ଡା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ତହସିଲଦାର ଅମର କୁମାର ଡୁଙ୍ଗଡୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣର ଶୁଭାରମ୍ଭ କରିଥିଲେ। ଅତିଥି ଓ ଛାତ୍ରୀଛାତ୍ର ଉଚ୍ଚବିଦ୍ୟାଳୟ ଛାତ୍ରାବାସ ଚତୁଃପାର୍ଶ୍ୱରେ ଫଳ ଓ ଔଷଧୀୟ ଦେଢଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ତହସିଲଦାର ଡୁଙ୍ଗଡୁଙ୍ଗ ମୁଖ୍ୟଅତିଥି ଓ କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଶୁଶ୍ରୀତା ଭୋଇ, ଖଳାଶୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟ ରେଞ୍ଜ ଅଫିସର ରବିନ କିସ୍କୁ, କିସିଣ୍ଡା ସମିତିସଭ୍ୟା ଯାଜ୍ଞସେନୀ କୁଅଁର, ସରପଞ୍ଚ ରୀନା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୃକ୍ଷ ରୋପଣ ଓ ବନ ସଂରକ୍ଷଣର ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ପିଏମ୍‌ଜିଏସ୍‌ୱାଇ ରାସ୍ତା ନିମ୍ନମାନର

**ମାସେ ନ ପୁରୁଣୁ ଉଠିଲା ପିଚୁ**

**କୁଚିଣ୍ଡା,୩।୭(ବିରଞ୍ଚି ଦର୍ଲା)**

କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ପାରୁଆଭାଡିଠାରୁ ଖଣ୍ଡୋକଟା ଓ ତେଲିଡିଲେଇମାଲଠାରୁ ବାମରା ବ୍ଲକ ବାଉଣ୍ଡରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ ହୋଇଛି। ଏହି ରାସ୍ତା କାମକୁ ମାସେ ନ ପୁରୁଣୁ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ମାଟି ଦୃଶ୍ୟମାନ ହେଉଛି।

ମିଳିଥିବା ସୂଚନା ଅନୁଯାୟୀ ୨୦୨୨-୨୩ରେ ୧କୋଟି ୭ଲକ୍ଷ ୨ହଜାର ଟଙ୍କା ବ୍ୟୟ ଅଟକଳରେ ପାରୁଆଭାଡିଠାରୁ ଖଣ୍ଡୋକଟା ଭାୟା ସାହାଜବାହାଲ ଓ ବଡମାଲ ପର୍ଯ୍ୟନ୍ତ ୩.୪୦୦ କି.ମି. ରାସ୍ତା ନିର୍ମାଣ ପାଇଁ ସମ୍ବଲପୁରର ସୁମିତ ଆଣ୍ଡ ଆସୋସିଏଟ ନାମକ ଠିକା ସଂସ୍ଥା ଟେଣ୍ଡର ନେଇଛି। ଏଥିରେ ନୂଆ ପିଚୁ ରାସ୍ତା ୧.୯୭୦କି.ମି. ଓ ପୁରୁଣା ପିଚୁ ରାସ୍ତା ମରାମତି ୧.୨୫୦କି.ମି, ୧୮୦ ମିଟର କଂକ୍ରିଟ ଏବଂ ୩ଗୋଟି ନୂଆ କଲଭର୍ଟ ନିର୍ମାଣ ବ୍ୟବସ୍ଥା ରହିଛି। ହେଲେ ଠିକାଦାର ପୁରୁଣା ପିଚୁ ରାସ୍ତାର ମରାମତି କାମ ଆଦୌ କରି ନ ଥିବା ଅଭିଯୋଗ ହୋଇଛି। ଅଟକଳ ଅନୁଯାୟୀ ମାଟି ସବ୍‌ବେସ, ମୋରମ୍ ସବ୍‌ବେସ, କେମିକାଲ ସିମେଣ୍ଟ, ପ୍ରାଇମର କୋଟ, ଚିପ୍ସ ଓ ପିଚୁ ଆଦି ବ୍ୟବହାରରେ ବ୍ୟାପକ ଅନିୟମିତତା ହୋଇଛି। ପିଚୁ ହେବା ପୂର୍ବରୁ ମେଟାଲ ଓ ମୋରମ ବିଛାଯାଇ ରୋଲିଂ ହେବା କଥା। ମାତ୍ର କେବଳ ମୋରମ ଉପରେ ରୋଲିଂ କରି ପିଚୁ ଢଳା ଯାଇଥିବାରୁ ଭାରିଯାନ ଚଳାଚଳ ହେଉ ନ ଥିବା ସତ୍ତ୍ୱେ ରାସ୍ତାର ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ମାଟି ଦିଶୁଛି। ସେହିପରି ତେଲିଡିଲେଇମାଲଠାରୁ ବାମରା ବ୍ଲକ ବାଉଣ୍ଡରି ପର୍ଯ୍ୟନ୍ତ ୮.୨୦୦ କି.ମି. ରାସ୍ତା ପାଇଁ ୨୦୨୨-୨୩ ବର୍ଷରେ ୫କୋଟି ୪୬ଲକ୍ଷ ୪୮ହଜାର ଟଙ୍କାର ଟେଣ୍ଡର ପାଇ ଠିକାଦାର ରାସ୍ତା ନିର୍ମାଣ କରିଥିଲେ। ଏଠାରେ ମଧ ନିମ୍ନମାନର କାମ ଯୋଗୁ ବିଭିନ୍ନ ସ୍ଥାନରେ ପିଚୁ ଦବିଯାଇଛି। ଏସ୍‌କ୍ୟୁଏମ୍ ଓ ଏମ୍‌କ୍ୟୁଏମ୍ ଯାଞ୍ଚ ହୋଇ ନ ଥିବା ସତ୍ତ୍ୱେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ଦୁଇ କାମର ସମ୍ପୂର୍ଣ୍ଣ ବିଲ ପଇଠ କରିଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୁଚିଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ନାୟକଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିଲେ। ସେହିପରି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଅକ୍ଷୟ ନାଏକ କହିଥିଲେ, ଏହି କାମର ସମ୍ପୂର୍ଣ୍ଣ ବିଲ ପଇଠ ହୋଇଛି। ତଦନ୍ତ ପରେ ଯଦି ନିମ୍ନମାନର କାମ ହୋଇଥାଏ ତେବେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ରାସ୍ତାରୁ ପିଚୁ ଉଠିଯାଇଛି।

**ମାଧପୁର ବନାଞ୍ଚଳରେ ବନମହୋତ୍ସବ**

ତଳଗାଁ (କୁନା ବେହେରା):: ବୌଦ୍ଧ ବନଖଣ୍ଡର ମାଧପୁର ବନାଞ୍ଚଳର ୭୪ତମ ବନମହୋତ୍ସବ ସୋମବାର ମାଧପୁର ସେବାଶ୍ରମଠାରେ ପାଳିତ ହୋଇଛି। ଏଥିରେ ବନଖଣ୍ଡ ଅଧିକାରୀ ଦେବପ୍ରି କମ୍ପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରିଥିଲେ। ସେବାଶ୍ରମର ଛାତ୍ରୀଛାତ୍ର ବୃକ୍ଷ ରୋପଣ କରିଥିଲେ। ଉତ୍ସବରେ ମାଧପୁର ରେଞ୍ଜର ଆଶିଷ ଦିଗାଲ, ସମସ୍ତ ବନକର୍ମଚାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଗଛ ଲଗାଇଥିଲେ। ସେହିପରି କୁତୁରା ସେବାଶ୍ରମଠାରେ ମଧ ବନମହୋତ୍ସବ ପାଳିତ ହୋଇଛି।

## ସଂକ୍ଷେପରେ

### ପାନୀୟ ଜଳ ଯୋଗାଣ ପାଇଁ ରାସ୍ତାରୋକୋ

**ତରଭା, ୩।୭(ମାନଭଞ୍ଜନ ମିଶ୍ର ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମର ଦଳିତପଡ଼ାକୁ ପାନୀୟ ଜଳ ଯୋଗାଣ ହେଉନାହିଁ। ଏହାର ବିରୋଧ କରି ପଡ଼ାବାସୀ ତରଭା-ଚାରଭଟା ମୁଖ୍ୟରାସ୍ତାରେ ସୋମବାର ଗରାବାଲଟି ରଖି ପ୍ରାୟ ତିନି ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଟାୟାର ଜାଳି ସେମାନଙ୍କ ଅସନ୍ତୋସ ଜାହିର କରିଥିଲେ। ରାସ୍ତାରେକୋ ଯୋଗୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ଖବର ପାଇ ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ଏସଆଇ ଯଯାତି କେଶରୀ ସାହୁ, କମସରା ପୋଲିସ ଫାଣ୍ଡି ଅଧିକାରୀ ଗଜାନନ ବେହେରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳକାରୀଙ୍କୁ ବୁଝାସୁଝା ପରେ ରାସ୍ତାରୋକୋ ହଟିଥିଲା ।

### ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁପୂର୍ଣ୍ଣିମା ପାଳିତ

**ବିନିକା, ୩।୭ (ରାମ ଗୋପାଳ ବାଘ):** ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜଠାରେ ଅଧକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ସୋମବାର ଗୁରୁପୂର୍ଣ୍ଣିମା ପାଳନ ହୋଇଛି। ସଂସ୍କୃତ ବିଭାଗର ଅଧାପକ ହରିଶ୍ଚନ୍ଦ୍ର ହୋତା, ବେଦପାଠ କରିବା ସହିତ ସଭା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଗୋପାଳକୃଷ୍ଣ ଦାସ, ପ୍ରାଚୀନ କାଳର ଗୁରୁ ପରମ୍ପରା ବିଷୟରେ ମତବ୍ୟକ୍ତ କରିଥିଲେ। ଅଧାପକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ଥିଲେ ।

### ଗୋପାଳଜୀ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ

**ସୋନପୁର,୩।୭(ମୃତ୍ୟୁଞ୍ଜୟ ଶତପଥୀ):** ସୋନପୁର ଗୋପାଳଜୀ ମନ୍ଦିର ପରିସରରେ ଗୁରୁ ପୂର୍ଣ୍ଣିମା ସୋମବାର ପାଳିତ ହୋଇଯାଇଛି। ପୁରୀ ରାମଜୀ ମଠର ମହନ୍ତ ତଥା ଗୁରୁ ବଂଶୀଧର ଦାସ ମହାରାଜ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଗୁରୁ ପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ଶିବନାରାୟଣ ପୂଝାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପଣ୍ଡିତ ରାମାନୁଜ ପୂଝାରୀ ବ୍ୟାସ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ଓ ଗୋପାଳ ସହସ୍ର ନାମ ପଠନ କରାଯାଇଥିଲା। ପରେ ଗୁରୁ ପୂଜନ ଭଳି ଦିବ୍ୟ କାର୍ଯ୍ୟକ୍ରମ, ବାଳ ଭୋଗ ପ୍ରସାଦ ସେବନ ଓ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଯୋଗଦାନ କରିଥିଲେ। ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମଣ ପାଣ୍ଡିଆ, ଗୋପାଳ ପ୍ରଧାନ, କାହ୍ନୁଚରଣ ବିଶି, ସୁଧାଂଶୁ ମିଶ୍ର, ଦାମୋଦର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ବରଗଡ଼ରେ ଗୁରୁ ପୂର୍ଣ୍ଣିମା ପାଳନ

**ବରଗଡ଼,୩।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଗୁରୁ ପୂର୍ଣ୍ଣିମା ପାଳନ କରାଯାଇଛି । ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୫ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଭାତୀ ସଂକୀର୍ତ୍ତନ ମଣ୍ଡଳୀ ଆୟୋଜନ କରିଥିଲା। ଏହି ଅବସରରେ ପଶ୍ଚିମ ଓଡ଼ିଶାର ବରିଷ୍ଠ ବାୟକ ଗୋପାଳ ପ୍ରସାଦ ମିଶ୍ରଙ୍କୁ ପୂଜା କରାଯାଇଥିଲା। ସେହିପରି ଗୋବିନ୍ଦପାଲିରେ ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟକିଶୋର ପ୍ରଧାନ, କ୍ଷୀରୋଦ୍ର ଭୋଇଙ୍କୁ ସମ୍ମାନିତ କରାଯିବା ସହିତ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ବରଗଡ଼ ଇମ୍ପେରିୟଲ କଲେଜରେ ଶିବାନୀ ସାହଙ୍କ ପରିଚାଳନାରେ ଗୁରୁ ପୂର୍ଣ୍ଣିମା ପାଳନ କରାଯାଇଥିଲା। ଏହି ଅବସରରେ କଲେଜର ଅଧ୍ୟାପିକା, ଅଧ୍ୟାପକଙ୍କୁ ସ୍ୱାଗତ କରାଯାଇଥିବାବେଳେ ଗୁରୁ ବନ୍ଦନା କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀ ଶେଫାଳୀ ମେହେର ସଙ୍ଗୀତ ପରିବେଷଣ କରିଥିଲେ। ପୁନମ ଦୋରା ଏବଂ ଲିଲି ସାହୁ ଗୁରୁ ପୂର୍ଣ୍ଣିମାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ, ଶିକ୍ଷା ବିଭାଗର ମୁଖ୍ୟ ସଞ୍ଚିଦା ସାହୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀ ଆକାଂକ୍ଷା ବେହେରା, ସ୍ୱାତୀ ମେହେର ନୃତ୍ୟ ପରିବେଷଣ କରିଥିଲେ। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଚେୟାରମ୍ୟାନ ସୁମନ ସାୱାଡ଼ିଆ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ଏକାଡ଼େମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ରୀତା ନାୟକ, ମମତା ସିହ୍ନା ପ୍ରମୁଖ ଉପସ୍ଥିତ ରହି ଗୁରୁ ଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପଲିଥିନ ବର୍ଜନ ଉପରେ କବିତା ଆବୃତ୍ତି କରାଯାଇଥିଲା ।

# ବହିଷ୍କୃତ ୫ ଗ୍ରାମ ରୋଜଗାର ସେବକଙ୍କ ପୁନଃନିଯୁକ୍ତି ଦାବି

**ବୌଦ୍ଧ, ୩।୭(ଅଜିତ କୁମାର ବାରିକ)**



ଦାବିପତ୍ର ଦେବାକୁ ଗ୍ରାମରୋଜଗାର ସେବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ।

ବୌଦ୍ଧର ପୂର୍ବତନ ଜିଲାପାଳ ସତ୍ୟରଞ୍ଜନ ସାହୁ ଗତ ସପ୍ତାହରେ ଜିଲାର ୫ ଜଣ ଗ୍ରାମରୋଜଗାର ସେବକଙ୍କୁ କାର୍ଯ୍ୟରେ ଅବହେଳା କାରଣରୁ କାର୍ଯ୍ୟରୁ ବହିଷ୍କୃତ କରିଥିଲେ। ଫଳରେ ସୋମବାର ଓଡିଶା ଗ୍ରାମ ରୋଜଗାର ସେବକ ସଂଘ ପକ୍ଷରୁ ବହିସ୍କୃତ ୫ ଜଣ ଗ୍ରାମ ରୋଜଗାର ସେବକଙ୍କ ପୁନଃନିଯୁକ୍ତି ଦାବିକରି ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ହରଭଙ୍ଗା ବ୍ଲକରୁ ଜଣେ, କଣ୍ଟାମାଳ ବ୍ଲକରୁ ୨ ଜଣ, ବୌଦ୍ଧ ବ୍ଲକରୁ ୨ ଜଣଙ୍କୁ କାର୍ଯ୍ୟରେ ବହିଷ୍କୃତ କରିଥିଲେ। ବୌଦ୍ଧ ଜିଲା ଗ୍ରାମ ରୋଜଗାର ସେବକ ସଂଘର ଏକ ବୈଠକ ଜିଲା ସଭାପତି ସରୋଜ କୁମାର ମହାକୁଡଙ୍କ ଅଧକ୍ଷତାରେ ବଙ୍କାପଡାଠାରେ ଅନୁଷ୍ଠିତ ହୋଇଥିଲା। ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଗ୍ରାମୀଣ ଆବାସ ଯୋଜନାରେ ଗ୍ରାମ ରୋଜଗାର ସେବକଙ୍କ ପରିଶ୍ରମ ଫଳରେ ରାଜ୍ୟସ୍ତରରେ ବୌଦ୍ଧ ଜିଲା ଶୀର୍ଷ ସ୍ଥାନ ଦଖଲ କରିପାରିଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜିଲାର ସମସ୍ତ ପଞ୍ଚାୟତରେ ଗ୍ରାମ ରୋଜଗାର ସେବକମାନେ ଠିକ ଭାବେ କାର୍ଯ୍ୟ ତୁଲାଇଆସୁଥିବା ବେଳେ ୫ଜଣଙ୍କୁ ବହିସ୍କୃତ ଭଳି ଜିଲାପାଳଙ୍କ ପଦକ୍ଷେପ ସମସ୍ତଙ୍କୁ ନିରୁତ୍ସାହିତ କରିଛି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଆଗାମୀ ୩ ଦିନ ମଧ୍ୟରେ ବହିସ୍କୃତ ୫ ଜଣ ଗ୍ରାମରୋଜଗାର ସେବକଙ୍କ ପୁନଃନିଯୁକ୍ତି କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦେବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅହୋରାତ୍ର ଗଣଧାରଣାରେ ବହିସ୍କୃତ ୫ଜଣ ଗ୍ରାମ ରୋଜଗାର ସେବକଙ୍କ ପରିବାର ସଦସ୍ୟ ସହ ଜିଲାର ସମସ୍ତ ଗ୍ରାମ ରୋଜଗାର ସେବକ ସାମିଲ ହେବେ। ଏନେଇ ସଂଘର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

**ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଅହୋରାତ୍ର ଧାରଣା ଚେତାବନୀ**

### ବିଶ୍ୱ ଜନସଂଖ୍ୟା ସଚେତନତା ରଥର ଶୁଭାରମ୍ଭ

**ଅମରପାଲି, ୩।୭ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ପରିସରରୁ ଜନସଂଖ୍ୟା ସଚେତନତା ନେଇ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ସୋମବାର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ରବୀନ୍ଦ୍ରନାଥ ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ବୀରମହାରାଜପୁର ବ୍ଲକର ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଥିବା ସରକାରଙ୍କ ବିଭିନ୍ନ ପଦ୍ଧତି ବିଷୟରେ ସଚେତନ କରାଇବ । ଜୁନ ୨୭ରୁ ଆରମ୍ଭ ହୋଇଥିବା ଏହି ଜନସଂଖ୍ୟା ସଚେତନତା ପକ୍ଷ ଜୁଲାଇ ୧୦ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଜୁଏଡ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଆଲୋକ କୁମାର ସେଠ, ବିପିଏମ ମହେନ୍ଦ୍ର ମିଶ୍ରଙ୍କ ସହିତ ଡାକ୍ତରଖାନାର ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ରାସ୍ତାରୋକୋ


ଦୁର୍ଘଟଣାସ୍ଥଳରେ ଲୋକେ ରାସ୍ତାରୋକୋ କରିଛନ୍ତି।

**ବାଉଁଶୁଣୀ, ୩।୭(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହେଶ୍ୱରପିଣ୍ଡା ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଏକ ମାର୍ବଲ ବୋଝେଇ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ରକ୍ସା ପଞ୍ଚାୟତ ଖମାରିସାହି ଗ୍ରାମର ରତ୍ନାକର ଡାଙ୍ଗ ବୋଲି ଜଣାପଡିଛି। ସେ ବାଇକ ନଂ. ଓଆର ୩୧-୧୮୦୧ ଯୋଗେ ବୌଦ୍ଧରୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ସୋନପୁରରୁ ବୌଦ୍ଧ ଅଭିମୁଖେ ଯାଉଥିବା ଏକ ଟ୍ରକ ନଂ. ଜିଜେ ୩୬ ଭି ୬୭୭୬ ତାଙ୍କୁ ମହେଶ୍ୱରପିଣ୍ଡା ଛକ ନିକଟରେ ଧକ୍କା ଦେଇଥିଲା। ଏଥିରେ ରତ୍ନାକର ବାଇକରୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବାଉଁଶୁଣୀ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲା। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଲୋକେ ୫୭ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ମନମୁଣ୍ଡା ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆ, ଦହ୍ୟା ରାଜସ୍ୱ ନିରୀକ୍ଷକ ଦିଲୀପ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ ସହ ମୃତକଙ୍କ ପରିବାରକୁ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା।

### ଦିବାରାତ୍ର ଭଲିବଲ ମ୍ୟାଚ: ଛତ୍ରଙ୍ଗ ବିଜୟୀ

**ତଳଗାଁ, ୩।୭(କୁନା ବେହେରା)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ତଳଗାଁ ପଞ୍ଚାୟତ ଗଣ୍ଡାପାଲୁରେ ୬ଟି ଦଳ ମଧ୍ୟରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଇନାଲରେ ଗଣ୍ଡାପାଲୁ ସହିତ ଛତ୍ରଙ୍ଗ ଦଳର କଡା ଟକ୍କର ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣ୍ଡାପାଲୁ ଦଳ ହାରିଯାଇ ଥିବାବେଳେ ଛତ୍ରଙ୍ଗ ଦଳ ବିଜୟୀ ହୋଇ ସିଲକପ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ତଳଗାଁ ସରପଞ୍ଚଙ୍କ ନୋମିନ ଅମୂଲ୍ୟ କହଁର ଏବଂ ସମ୍ମାନିତ ଅତିଥି ଭାବେ ତଳଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମାକାନ୍ତ ବଗର୍ତ୍ତୀ, ପୂର୍ବତନ ସମିତି ସଭ୍ୟ କୁନା ବେହେରା, ୱାର୍ଡ ମେମ୍ବର ନବିନ କୁମାର ବଗର୍ତ୍ତୀ ସୁଶାନ୍ତ କୁମାର ପ୍ରଧାନ, ଈଶ୍ୱର ଚନ୍ଦ୍ର ବେହେରା, ଅରକ୍ଷିତ ବେହେରା ପ୍ରମୁଖ ଉପସ୍ଥିତ ରହି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ସମ୍ପୂର୍ଣ୍ଣ ଆୟୋଜନ କରିଥିଲେ ରବୀନ୍ଦ୍ର ବଗର୍ତ୍ତୀ, ରାଜେନ୍ଦ୍ର ବଗର୍ତ୍ତୀ, ବିକାଶ ବେହେରା, ଶଙ୍କର ସାହୁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ରେଳପଥ ଯୋଗୁ ବିଦ୍ୟାଳୟ ରାସ୍ତା ବନ୍ଦ

**ବୌଦ୍ଧ, ୩।୭(ଅଜିତ କୁମାର ବାରିକ)**

**ନୂତନ ସ୍ଥାନରେ ବିଦ୍ୟାଳୟ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ଦାବି**

ବୌଦ୍ଧ ଜିଲା ବୌଦ୍ଧ ବ୍ଲକର ମୁଣ୍ଡିପଦର ଗ୍ରାମପଞ୍ଚାୟତର ଗୋପିନାଥପୁର ଗ୍ରାମରେ ୧୯୭୧ ମସିହାରୁ ଏକ ପ୍ରାଥମିକ ବିଦ୍ୟାଳୟ ଚାଲିଆସୁଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ଗାଁଠାରୁ ବିଦ୍ୟାଳୟର ଦୂରତା ୭୦୦ ମିଟର। ବର୍ତ୍ତମାନ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନିର୍ମାଣ କାମ ଗ୍ରାମ ଓ ବିଦ୍ୟାଳୟ ମଧ୍ୟରେ ହେଉଛି। ଫଳରେ ରେଳପଥ କାର୍ଯ୍ୟ ଯୋଗୁ ଗାଁର ଛୋଟ ଛୋଟ ପିଲା ବିଦ୍ୟାଳୟକୁ ଯାଇପାରୁନାହାନ୍ତି। ଏନେଇ ପୂର୍ବରୁ ମଧ୍ୟ ଗ୍ରାମବାସୀ ଜିଲାଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଗ୍ରାମର ଅନ୍ୟତ୍ର ଥିବା ଜମିରେ ନୂତନ ବିଦ୍ୟାଳୟ ନିର୍ମାଣ କରାଗଲେ ପିଲାମାନେ ସୁବିଧାରେ ପାଠ ପଢିପାରିବେ ବୋଲି କହିଛନ୍ତି। ଏନେଇ ସୋମବାର ଗ୍ରାମବାସୀ ନୂତନ ବିଦ୍ୟାଳୟ ନିର୍ମାଣ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କ ପାଖରେ ଏକ ଦାବି ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ଲାଲଜୀ ମହାକୁଡ, ଉଗ୍ରେସନ ନାୟକ, ଅଜିତ ଝାଙ୍କର, ପ୍ରଶାନ୍ତ ନାୟକଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ।


ଦାବିପତ୍ର ଦେବାକୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀ।

## ୩ ସ୍ୱର୍ଣ୍ଣ ସହ ୬ ବ୍ରୋଞ୍ଜ ପଦକ ହାସଲ କଲେ ଓଡ଼ିଆ ଖେଳାଳି

**ଅମରପାଲି,୩।୭(ପୀତାମ୍ବର ସାହୁ)**

**ଥାଇଲାଣ୍ଡରେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ**


ପଦକ ହାସଲ କରିଥିବା ଓଡିଆ ଖେଳାଳି।

ଥାଇଲାଣ୍ଡର ସାମ୍ପୁଟପ୍ରକ୍ରନ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ୬ଷ୍ଠ ହିରୋସ ଟାଏକୋଣ୍ଡୋ ଚାମ୍ପିୟନଶିପରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ଓଡିଆ ଖେଳାଳି ସଫଳ ହୋଇଛନ୍ତି। ଥାଇଲାଣ୍ଡ ମାଟିରେ ୩ ସ୍ୱର୍ଣ୍ଣ ପଦକ ସହ ଜିଣିଲେ ୬ବ୍ରୋଞ୍ଜ ପଦକ। ଥାଇଲାଣ୍ଡରେ ଅନୁଷ୍ଠିତ ଷଷ୍ଠ ହିରୋସ ଟାଏକୋଣ୍ଡୋ ଚାମ୍ପିୟନଶିପରେ ୨୨ଜଣିଆ ଭାରତୀୟ ଟିମ୍ ସହ ସାମିଲ ହୋଇଥିଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏହେସାସ ଟାଏକୋଣ୍ଡୋ ଏକାଡେମୀର ୮ଖେଳାଳି। ସେମାନଙ୍କ ମଧ୍ୟରୁ ୫୯କେଜି ବର୍ଗରେ ଅନ୍ୱେଷ ହୋତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ୮୦ କେଜିରୁ ଉର୍ଦ୍ଧ୍ୱ ମହିଳା ବର୍ଗରେ ପ୍ରୀୟଦର୍ଶନୀ କରଙ୍କୁ କୌରଗୀରେ ସ୍ୱର୍ଣ୍ଣ ଏବଂ ପୁମସେରେ ବ୍ରୋଞ୍ଜ ପଦକ, ୬୭ କେଜି ମହିଳା ବର୍ଗରେ ହରିପ୍ରିୟା ମିଶ୍ରଙ୍କୁ ସ୍ୱର୍ଣ୍ଣ, ୬୮କେଜି ପୁରୁଷ ବର୍ଗରେ କୁମାର କାଶ୍ୟପ ଶଡଙ୍ଗୀଙ୍କୁ ବ୍ରୋଞ୍ଜ, ୮୦କେଜି ପୁରୁଷ ବର୍ଗରେ ବିଶ୍ୱରଞ୍ଜନ ସାହୁଙ୍କୁ ବ୍ରୋଞ୍ଜ, ୫୮ କେଜି ପୁରୁଷ ବର୍ଗରେ ମନିଷ ମହାନ୍ତିଙ୍କୁ ବ୍ରୋଞ୍ଜ, ୪୮ କେଜି ପୁରୁଷ ବର୍ଗରେ କ୍ରିସ କୁଦେଇଙ୍କୁ ବ୍ରୋଞ୍ଜ ଏବଂ ୨୯ କେଜି ମହିଳା ବର୍ଗରେ ରାଜଲକ୍ଷ୍ମୀ ସାହୁଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ଜଣାପଡିଛି। ସେହିଭଳି ଭାରତୀୟ ଦଳର ମୁଖ୍ୟ କୋଚ ଏହେସାସ ହୋତାଙ୍କୁ ଶ୍ରେଷ୍ଠ କୋଚ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ବିଦେଶ ମାଟିରେ ଏହି ଓଡିଆ ଖେଳାଳିଙ୍କ ସଫଳତା ପରେ ଓଡ଼ିଶା ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ,ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା, ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଖବରଦାତା ଶେଷଦେବ ବାରିକ ଏବଂ ରାଧାକାନ୍ତ ବାଘଙ୍କ ସମେତ ବିଭିନ୍ନ କ୍ରୀଡା ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହୁଅ

**ସୋନପୁର,୩।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଓ ପୁରସ୍କାର ବିତରଣୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ପୌଲସ୍ତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଯୋଗଦାନ କରି ଛାତ୍ରୀଛାତ୍ର ମାନଙ୍କୁ ବଡ ମଣିଷ ଅପେକ୍ଷା ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିବେକାନନ୍ଦ ମିଶ୍ର ଓ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଡ. କୈଳାସ ଚାନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଗତ ଶିକ୍ଷାବର୍ଷରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ୨୩୫ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରା ଯାଇଥିଲା। ସେହିପରି ଗତ ମାଟ୍ରିକ୍ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ଛାତ୍ରୀ ସ୍ୱସ୍ତିପ୍ରଜ୍ଞା ଶତପଥୀ ଓ ପ୍ରୀତିମୟୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ପରିଚାଳନା ପରିଷଦର କୋଷାଧ୍ୟକ୍ଷ ବନମାଳୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଗୁରୁମା ଗୁରୁଜୀ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଜାତୀୟ ବନ ମହୋତ୍ସବ ପାଳିତ

**ଘଣ୍ଟାପଡ଼ା, ୩।୭ (ପ୍ରଭାତ କୁମାର ସାହୁ)**

ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବୌଦ୍ଧ ବନଖଣ୍ଡର କଣ୍ଟାମାଳ ବନାଞ୍ଚଳ ଅନ୍ତର୍ଗତ ଘଣ୍ଟାପଡ଼ା ସେକସନର କୋଡ଼ିବାହାଲରେ ଜାତୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ଚିତାପାହାଡ଼ର ପାଦଦେଶରେ ୫ହେକ୍ଟରରେ ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନପାଳ ଚନ୍ଦ୍ରଶେଖର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ କଣ୍ଟାମାଳ ବିଧାୟକ ମହୀଧର ରଣା ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରି ବୃକ୍ଷରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ସମ୍ମାନିତ ଅତିଥି ଭାବେ ନଂ.୧ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, କଣ୍ଟାମାଳର ବନାଞ୍ଚଳ ଅଧିକାରୀ କ୍ଷୀରାବ୍ଧି ପ୍ରଧାନ, ଘଣ୍ଟାପଡ଼ା କେଏଲ ରେଞ୍ଜର ମିନତୀ ନାଏକ, ସ୍ଥାନୀୟ ଘଣ୍ଟାପଡ଼ା ସରପଞ୍ଚ ରିତା କହଁର, ଖମନମୁଣ୍ଡା ସରପଞ୍ଚ ଅଲକା ପ୍ରଧାନ, ଶିକ୍ଷାବିତ ନିଳାଚଳ ଭୋଇ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ସେହିପରି ବନରକ୍ଷୀ ଭକ୍ତ ବତ୍ସଳ ମଲିକ, ରୀନା ନାଏକ, କର୍ମଚାରୀ, ବାସୁଦେବ କହଁର ସହଯୋଗ କରିଥିଲେ।


କୋଡ଼ିବାହାଲରେ ବନମହୋତ୍ସବ ଅବସରରେ ବୃକ୍ଷରୋପଣ କରାଯାଉଛି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୩।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୩ ପଞ୍ଜୀକୃତ ଅଭିଯୋଗ ସମ୍ବଳିତ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨ଟି ସାମୂହିକ ଦରଖାସ୍ତ ଥିଲା । ଗ୍ରହଣ କରା ଯାଇଥିବା ୬ଟି ଦରଖାସ୍ତକୁ ତୁରନ୍ତ ସମାଧାନ କରା ଯାଇଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନ୍ୟ ଦରଖାସ୍ତ ଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଶିମୁଣ୍ଡା ଓ ଲଛିପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ତାଲିକାକୁ ଏପଟ ସେପଟ କରାଯାଉଥିବା ନେଇ ଶିବିରରେ ଅଭିଯୋଗ ହୋଇଥିଲା। ସୋନପୁର ଏବିଡିଓ ଶଶିଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାରରଞ୍ଜନ କହଁର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟନାରାୟଣ ପାଢୀ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ତହସିଲଦାର ନବୀନ କିଶୋର ପାଢୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ୍ୟ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ମାଝୀ ଓ ବିଭିନ୍ନ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।


ଜିଲାପାଳ ଓ ଏସ୍‌ପି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ମୋଟ ୨୩ ଅଭିଯୋଗର ଶୁଣାଣି ହେଲା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଗାୟତ୍ରୀ ଶକ୍ତିପୀଠରେ ଗୁରୁପୂର୍ଣ୍ଣିମା ପାଳିତ

**ଖଡ଼ିଆଳ,୩।୭(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଗାୟତ୍ରୀ ଶକ୍ତିପୀଠ ଚଳାନପଡ଼ାଠାରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ସକାଳୁ ଅଖଣ୍ଡ ଦୀପ ପୂଜନ, ଅଖଣ୍ଡଜପ ସାଙ୍ଗକୁ ଏକ କୁଣ୍ଡିୟ ଗାୟତ୍ରୀ ମହା ଯଜ୍ଞ, ବରିଷ୍ଠ ପରିବ୍ରାଜକ ଦୟାନିଧି ବାରିକ ଏବଂ ଲବଣେଶ୍ୱର ବାରିକ ଦ୍ୱୟଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା। ଉପସ୍ଥିତ ପରିଜନ ଭାଇ ଭଉଣୀମାନଙ୍କୁ ପରମ ପୁଜ୍ୟ ଗୁରୁଦେବ, ପରମ ବନ୍ଦନୀୟା ମାତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗାମୀ ଦିନରେ ବିଚାରକ୍ରାନ୍ତି ଅଭିଯାନକୁ ଘରେ ଘରେ ପହଞ୍ଚାଇବାକୁ ସଂକଳ୍ପ ପାଠ କରାଇଥିଲେ। ପରିବେଶର ସୁରକ୍ଷା, ପର୍ଯ୍ୟାବରଣ ବୃଦ୍ଧି ପାଇଁ ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ନିଜ କ୍ଷେତ ଓ ବାଡ଼ିରେ ବୃକ୍ଷ ରୋପଣ କରିବାକୁ ବୁଝାଇଥିଲେ। ଶକ୍ତିପୀଠ ପରିସରରେ ବୃକ୍ଷ ଗଙ୍ଗାର ପୂଜନ କରି ବିଭିନ୍ନ ପ୍ରକାର ଫୁଲ ଗଛ ରୋପଣ କରାଯାଇଥିଲା।

### ଏକ୍ସକ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ନୂତନ ବିଇଓଙ୍କୁ ସ୍ୱାଗତ

**ଖଡ଼ିଆଳ,୩।୭(ସୁଜିତ୍ ପ୍ରଧାନ):** ନୂଆପଡା ଜିଲା ଖଡିଆଳ ବ୍ଲକ ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ସଂଘ ପକ୍ଷରୁ ବ୍ଲକ ସଭାପତି ଜୟନ୍ତ ପ୍ରଧାନୀଙ୍କ ନେତୃତ୍ୱରେ ନୂତନ ଭାବେ ଯୋଗଦେଇଥିବା ବିଇଓ କାହ୍ନୁଚରଣ ନାଏକଙ୍କୁ ସ୍ୱାଗତ କରାଯାଇଛି। ଦୀର୍ଘ ଦିନ ଧରି ବ୍ଲକରେ ବିଇଓ ପଦବି ଖାଲିଥିବାରୁ ଶିକ୍ଷକମାନଙ୍କ ଦରମାରେ ବିଳମ୍ବ ତଥା ନାନାଦି ସମସ୍ୟା ସୃଷ୍ଟି ହେଉଥିଲା। ନୂତନ ବିଇଓ ଯୋଗଦାନ ଫଳରେ ଶିକ୍ଷକ ମହଲରେ ଖୁସିର ଲହରି ଖେଳିଯାଇଛି। ସ୍ୱାଗତ ଉତ୍ସବରେ ଯାଜ୍ୟ ଏକ୍ସକ୍ୟାଡର ମହାସଂଘ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁଙ୍କ ସମେତ ଖଗେଶ୍ୱର ବାଗ, ସନୁଧର ନାଗ, ମନୋଜ କୁମାର ମେହେର, ସୁରେଶ କ୍ଷେତ୍ରୀ, ଜୟାନନ୍ଦ ଭୋଇ, ଅଶ୍ୱନୀ ମହାପାତ୍ର ଓ ମିତ୍ରବାଦୀ ମଲ୍ଲିକ ଉପସ୍ଥିତ ଥିଲେ।

### କର୍ଲାମୁଣ୍ଡା ବ୍ଲକରେ ଯୋଗଦେଲେ ନୂତନ ବିଇଓ

**କର୍ଲାମୁଣ୍ଡା,୩।୭(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ସୋମବାର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଭାବେ ବିଜୟଲକ୍ଷ୍ମୀ ନାଗ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମ. ରାମପୁର ତହସିଲ ଅଧୀନ ରାଜସ୍ୱ ନିରୀକ୍ଷିକା ଭାବେ କାର୍ଯ୍ୟରତ ଥିଲେ। ଓଇଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବର୍ତ୍ତମାନ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ କର୍ଲାମୁଣ୍ଡା ବ୍ଲକରେ ଯୋଗଦେଇଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ରାମଚନ୍ଦ୍ର ସା, ମୁଖ୍ୟ କିରାଣୀ ଶିଶିର ଦାଶ, ସିନିୟର କ୍ଲର୍କ ତ୍ରିଜ୍ୟୋତି ନିଆଲ, ବିଆରଟି ପ୍ରଦୀପ କୁମାର ବେହେରା, ସିଆରସିସି ହେମନ୍ତ ନାଏକ, ଗୋପମଣୀ ସାହୁ, ସଞ୍ଜୟ ଦାସ, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ଜନସାଧାରଣଙ୍କ ସହଯୋଗରେ କର୍ଲାମୁଣ୍ଡା ବ୍ଲକକୁ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ବ୍ଲକ ରଖିବାକୁ ସେ ଉଦ୍ୟମ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

# ବର୍ଷେ ହେଲା ୪୦ ଶ୍ରମିକଙ୍କୁ ମିଳିନି ପ୍ରାପ୍ୟ

**ଭବାନୀପାଟଣା,୩।୭(ଉତ୍ତମ କୁମାର ଦାଶ)**


କାମ କରି ପ୍ରାପ୍ୟ ପାଇ ନ ଥିବା ମହିଳାମାନେ।

- ଜାରିଙ୍ଗ କେନ୍ଦ୍ରୀୟ ନର୍ସରିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ହଡ଼ପ
- ତତ୍କାଳୀନ ଫରେଷ୍ଟ ଅଫିସରଙ୍କ ଅବସର, ଫରେଷ୍ଟ ଗାର୍ଡଙ୍କ ବଦଳି

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅଧୀନ ଜୁନାଗଡ଼ ରେଞ୍ଜ ଜାରିଙ୍ଗ କେନ୍ଦ୍ରୀୟ ନର୍ସରିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ପ୍ରାପ୍ୟ ହଡପ ହୋଇଥିବା ଅଭିଯୋଗ ହୋଇଛି। ବର୍ଷେ ହେଲା କାମ କରିଥିବା ଶ୍ରମିକଙ୍କ ପ୍ରାପ୍ୟ ମିଳି ନ ଥିବାବେଳେ ତତ୍କାଳୀନ ଫରେଷ୍ଟରଙ୍କ ଅବସର ପରେ ଫରେଷ୍ଟ ଗାର୍ଡଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ଫଳରେ ୪୦ଜଣ ଗରିବ ଶ୍ରମିକଙ୍କ ପ୍ରାପ୍ୟ ପାଇବା ନେଇ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସୂଚନା ଯେ, ଜୁନାଗଡ଼ ରେଞ୍ଜ ଅଧୀନ ଜାରିଙ୍ଗ କେନ୍ଦ୍ରୀୟ ନର୍ସରିରେ ଗତବର୍ଷ ଜୁନ ପର୍ଯ୍ୟନ୍ତ ଜୁନାଗଡ଼ ବ୍ଲକ ବକ୍ସିତୁଲସିପାଲି ଗ୍ରାମର ପ୍ରାୟ ୪୦ଜଣ ମହିଳା ଶ୍ରମିକ ଚାରା ଉତ୍ପାଦନ କାର୍ଯ୍ୟ କରିଥିଲେ। ଏହି ଶ୍ରମିକମାନଙ୍କୁ ପ୍ରତିଦିନ ହିସାବରେ ୨୨୨ ଟଙ୍କା ପ୍ରଦାନ କରାଯାଉଥିଲା। ଦୀର୍ଘ ଦିନ ଧରି କାର୍ଯ୍ୟକରି ଆସୁଥିବାବେଳେ ଗତବର୍ଷ ଜୁନରୁ ନର୍ସରିରେ କାମ ନ କରି ନିଜ ଗାଁ ପଞ୍ଚାୟତର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ନିୟୋଜିତ ରହିଲେ। କେଉଁ ଶ୍ରମିକ ଏକ ମାସର ପ୍ରାପ୍ୟ ପାଇ ନ ଥିବା ବେଳେ ଆଉ କିଏ ୨୦ ଦିନର ପ୍ରାପ୍ୟ ପାଇନାହାନ୍ତି। ଏଭଳି ଭାବେ ୪୦ଜଣଙ୍କ ଉକ୍ତ ଯୋଜନାରେ କାମ କରିଥିବା ଟଙ୍କାଙ୍କୁ ଚଞ୍ଚକତା କରି ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଦିନ ମଜୁରିଆଙ୍କ ପାଇଁ ଝାଳବୁହା ଟଙ୍କା ପାରିବାରିକ ପେଟପାଟଣା ପାଇଁ ବହୁ ଗୁରୁତ୍ୱ ବହନ କରୁଥିବାବେଳେ ତତ୍କାଳୀନ ଫରେଷ୍ଟର ସକିଲ ଖାଁ ଓ ଫରେଷ୍ଟ ଗାର୍ଡ ମହେଶ ମହାପାତ୍ର ଚଂଚକତା କରି ହଡପ କରିଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ତତ୍କାଳୀନ ଫରେଷ୍ଟର ସକିଲ ଖାଁ ଚାକିରିରୁ ଅବସର ନେଇଥିବାବେଳେ ଫରେଷ୍ଟ ଗାର୍ଡ ମହେଶ ମହାପାତ୍ର ଆମପାଣି ବିଟକୁ ବଦଳି ହୋଇଥିବା ଜଣାପଡିଛି। ପ୍ରାପ୍ୟ ପାଇବା ଆଶାରେ ଶ୍ରମିକମାନେ ଫରେଷ୍ଟ ବିଟ ହାଉସକୁ ଦୌଡ଼ି ନୟାନ୍ତ ହେବା ପରେ ଜୁନାଗଡ଼ ରେଞ୍ଜ ଅଫିସର ମଧ ଦ୍ୱାରସ୍ଥ ହୋଇଥିଲେ। ଦୁର୍ଭାଗ୍ୟ ବସତଃ ରେଞ୍ଜ ଅଫିସର ଫିଲ୍ଡ ପରିଦର୍ଶନରେ ଯାଇଥିବାରୁ ଦୀର୍ଘ ସମୟ କାର୍ଯ୍ୟାଳୟରେ ଅପେକ୍ଷା କରି ଫେରିସାଇଥିଲେ। ଅନ୍ୟପକ୍ଷରେ ଶ୍ରମିକମାନେ କେବେ ପ୍ରାପ୍ୟ ପାଇବେ ଓ ଚଞ୍ଚକତା କରିଥିବା ଅଫିସରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବତ ତାହା ଦେଖିବାକୁ ବାକି ରହିଲା। ଏ ନେଇ ଜୁନାଗଡ଼ ରେଞ୍ଜର ସୀମାଞ୍ଚଳ ମିଶ୍ରଙ୍କୁ ପଚାରିବାରୁ ମୋ ନଜରକୁ ଏହା ଆସିନାହିଁ ବୋଲି କହିଥିଲେ।

# ମୌସୁମୀ ଉଭାନ, ଚିନ୍ତାରେ ଚାଷୀ

**ନୂଆପଡ଼ା,୩।୭(ମକାରୁ ବେମାଲ)**

ଚଳିତବର୍ଷ ନୂଆପଡ଼ା ଜିଲାରେ ମୌସୁମୀ ଉଭାନ ଯୋଗୁ ମରୁଡ଼ିର ପଦଧ୍ୱନି ଦେଖାଦେଇଛି। ଆଜି ଯାଏ ରୁଆ ବିହୁଡ଼ା କାମ ଆରମ୍ଭ ହୋଇପାରିଲା ନାହିଁ। ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଫଳରେ ଚାଷ କାର୍ଯ୍ୟ ଠପ ହୋଇ ପଡିଲାଣି। ଏହାକୁ ଏବେ ଜିଲାର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଆଦିବାସୀ ଅଧ୍ୟୁଷିତ ନୂଆପଡା ଜିଲାରେ ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରି ଧାନ, କପା, ମକା ଭଳି ଚାଷ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଜିଲାର ଅଣ ଜଳସେଚିତ ଅଞ୍ଚଳରେ ଜୁନ ପ୍ରଥମ ସପ୍ତାହରେ ଧାନ ତଳି ପକ୍କା ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହ ବେଳକୁ ବେଉସଣ କାର୍ଯ୍ୟ ଶେଷ ହୋଇଥାଏ। ଜଳସେଚନ ଅଞ୍ଚଳରେ ଧାନ ପହ୍ଲା ରୁଆ କାର୍ଯ୍ୟ ଶେଷ ହେବାରେ ଲାଗେ। ବର୍ତ୍ତମାନ ଧାନ ବୁଣିବା ଦୁର କଥା ଅଣ ଧାନ କପା, ମକା ଭଳି ଚାଷ ମଧ୍ୟ ହୋଇ ପାରିନାହିଁ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ । କିଛି ଦିନ ପୂର୍ବେ ଲଘୁଚାପ ଜନିତ ଲଗାଣ ବର୍ଷା ହେବାରୁ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲା। ପୁଣି ଆକାଶରୁ ମେଘ ଘୁଞ୍ଚି ଯାଇ ଅସହ୍ୟ ଗରମ ଅନୁଭୁତ ହେଉଥିବାରୁ ଚାଷୀ ଚିନ୍ତାରେ ପଡି ଏକ ପ୍ରକାର ଚାଷ କାର୍ଯ୍ୟ ଠପ ହୋଇଯାଇଛି। ଏହିପରି ବର୍ଷାର ଲକ୍ଷଣ ଦେଖା ଗଲେ, ଏହି ବର୍ଷ ମରୁଡି ହେବାର ସମ୍ଭାବନା ଅଧିକ ରହିଥାଏ ବୋଲି ଚାଷୀମାନେ କହିବା ସହ ଅଧିକାଂଶ ଚାଷୀ ଧାନ ବୁଣା କାର୍ଯ୍ୟ ଆରମ୍ଭ କରି ନାହାନ୍ତି। ମୌସୁମୀ ଉଭାନ ହୋଇ ଗଲାଣି। ଧାନ ବୁଣିଲେ ଚାଷୀ ଧୋକାରେ ପଡିବ ବୋଲି ଚର୍ଚ୍ଚା ହେଉଛି। ଜିଲାରେ କ୍ରମାଗତ ଭାବରେ କମ ବୃଷ୍ଟିପାତ ହେଉଥିବାରୁ ଚାଷୀକୂଳ ହତାଶ ହୋଇ ପଡିଛନ୍ତି। ଜିଲାରେ ଜୁନ ମାସରେ ୨୧୦.୩ ମିଲିମିଟର ବର୍ଷା ଆବଶ୍ୟକତା ଥିବା ବେଳେ ୩୦ ତାରିଖ ସୁଦ୍ଧା ୧୨୫.୯୬ ମିଲିମିଟର ବର୍ଷା ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଯଦ୍ୱାରା ଜିଲାରେ ୮୫ ମିଲିମିଟର କମ ବର୍ଷା ହୋଇଥିବା ଜଣାପଡିଛି। ଜିଲାରେ ଜୁନ ମାସର ବୃଷ୍ଟିପାତ ପରିମାଣ। ୨୦୧୦ରେ ୮୫.୩୨ ମିମି, ୨୦୧୧ ରେ ୭୯.୫୮ ମିମି, ୨୦୧୨ ରେ ୯୯.୩୪ ମିମି, ୨୦୧୩ରେ ୨୩୧.୯୨ ମିମି, ୨୦୧୪ରେ ୧୩୮.୮ ମିମି, ୧୦୧୫ରେ ୨୯୭ ମିମି, ୨୦୧୬ରେ ୧୭୪.୮ ମିମି, ୨୦୧୭ରେ ୨୩୭.୨୨ ମିମି, ୨୦୧୮ରେ ୧୨୩.୮୨ ମିମି, ୨୦୧୯ରେ ୧୨୩.୬୨ ମିମି, ୨୦୨୦ରେ ୨୯୭.୩୮ ମିମି, ୨୦୨୧ରେ ୧୮୧.୩୪ ମିମି, ୨୦୨୨ରେ ୧୫୬.୧୦ ମିମି ଓ ୨୦୨୩ରେ ୧୨୫.୯୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶ

**ଭବାନୀପାଟଣା,୩।୭(ଉତ୍ତମ କୁମାର ଦାଶ)**


ବିଶ୍ୱବିଦ୍ୟାଳୟ କୁଳପତି ପରୀକ୍ଷାଫଳ ପ୍ରକାଶ କରୁଛନ୍ତି।

- କଳାରେ ୫୬.୭୯%, ବାଣିଜ୍ୟରେ ୭୬.୮୨%, ବିଜ୍ଞାନରେ ୬୭.୬୬%

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ (ମାଣିକ୍ୟ ବିହାର) ପ୍ରଥମ ସ୍ନାତକ ପରୀକ୍ଷା ଫଳ ରବିବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ଫଳାଫଳ ନେଇ ବିଶ୍ୱ ବିଦ୍ୟାଳୟ କୁଳପତି ଡ.ସଞ୍ଜୟ କୁମାର ଶତପଥି ଗଣମାଧ୍ୟମ ଆଗରେ ପ୍ରକାଶିତ କରିଛନ୍ତି। କଳା ବିଭାଗରେ ୫୬.୭୯%, ବାଣିଜ୍ୟରେ ୭୬.୮୨% ଓ ବିଜ୍ଞାନରେ ପାସ୍‌ହାର ୬୭.୬୬% ରହିଛି। ଏହି ୩ଟିକୁ ବିଭାଗକୁ ମିଶାଇ ବିଶ୍ୱବିଦ୍ୟାଳୟର ପାସ ହାର ୬୧.୫୮% ରହିଛି। କଳାରେ ୨୫୬୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୪୫୫ଜଣ ପାସ କରିଛନ୍ତି। ବାଣିଜ୍ୟରେ ୨୪୬ଜଣ ପରୀକ୍ଷା ଦେଇଥିବାବେଳେ ୧୮୯ଜଣ ପାସ କରିଛନ୍ତି। ବିଜ୍ଞାନରେ ୧୪୦୪ଜଣ ପରୀକ୍ଷା ଦେଇଥିବାବେଳେ ୯୫୦ଜଣ ପାସ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ଲଳିତ ପୋଢ ଟପ୍ପର ହୋଇଛନ୍ତି। ବିଭାଗ ଅନୁଯାୟୀ କଳାରେ ପ୍ରତିଶା ପଣ୍ଡା, ବାଣିଜ୍ୟରେ ଅସ୍ମିତା ପଟ୍ଟନାୟକ ଓ ବିଜ୍ଞାନରେ ଲଳତ ପୋଢ ଟପ୍ପର ହୋଇଛନ୍ତି। ଅନ୍ୟପକ୍ଷରେ ବିବିଏ/ବିସିଏ ପରୀକ୍ଷାରେ ପାସ ହାର ୭୧.୬୩% ପ୍ରତିଶତ ରହିଥିବାବେଳେ ୧୦୧ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି। ବିବିଏରେ ପ୍ରତିକ୍ଷା ପଣ୍ଡା ଟପ୍ପର ହୋଇଥିବାବେଳେ ବିସିଏରେ ଆରିୟନ ଯୋଷୀ ଓ ସ୍ନିଗଧା ପଟ୍ଟନାୟକ ଟପ୍ପର ହୋଇଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

**ଲାଞ୍ଜିଗଡ଼,୩।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ନିୟମଗିରି ପାହାଡ ପାଦଦେଶର ଥିବା ବେରେନପିଣ୍ଡା ଗ୍ରାମରେ ହାତୀ ଆକ୍ରମଣରେ ଜଣକର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗାଁର ରାଇ ମାଝି (୫୫)। ସୂଚନାଯୋଗ୍ୟ ଯେ, ରାଇ ଶନିବାର ସନ୍ଧ୍ୟାରେ ନିଜ ଚାଷ ଜମିକୁ ଯାଇଥିଲେ। ଏହି ସମୟରେ ସେଠାରେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ସୋମବାର ସକାଳୁ ପରିବାର ଲୋକ ଚାଷଜମିକୁ ଯିବା ସମୟରେ ଗାଁ ପାଖ ଆମ୍ବ ଗଛ ତଳେ ରାଇଙ୍କ ମୃତଦେହ କ୍ଷତବୀକ୍ଷତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ହାତୀ ଆକ୍ରମଣ ରାଇଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ ବନ ବିଭାଗକୁ ଜଣାଇଥିଲେ। ଘଟଣାସ୍ଥଳରେ ଫରେଷ୍ଟର ଜଗନ୍ନାଥ ନାଗଙ୍କ ସହିତ ବନ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ଖବର ପାଇ କଳାହାଣ୍ଡି ଏସିଏଫ୍ ପ୍ରକାଶ ଚନ୍ଦ୍ର ବାତ୍ରା ଏବଂ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝି ଘଟଣାର ତଦନ୍ତ କରିଥିଲେ। ବିଜେପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଗତ ୧ ମାସ ହେଲା ହାତୀପଲ ଅଞ୍ଚଳରେ ବୁଲୁଥିବା ବେଳେ ଅଞ୍ଚଳର ଲୋକେ ଭୟଭିତ ହୋଇ ରହୁଛନ୍ତି। ପ୍ରଶାସନ ଏହାର ପ୍ରତିକାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ ରୂପ ଦେବାକୁ କଂଗ୍ରେସର ନିନ୍ଦା


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ।

**ନୂଆପଡ଼ା,୩।୭(ମକାରୁ ବେମାଲ)**

ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆପଡା ଜିଲାକୁ ୨୨ଜଣ ଡାକ୍ତର ଦେଇଥିବାରୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ରବିବାର ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ ଓ ସର୍ବଦଳୀୟ ନେତା କର୍ମୀ ରହିବା କଥା। ହେଲେ ଦଳୀୟ ମନ୍ତ୍ରୀ, କର୍ମକର୍ତ୍ତା ନୂତନ ଭାବେ ଯୋଗଦେଇଥିବା ଡାକ୍ତରମାନଙ୍କୁ ସ୍ୱାଗତ କରାଯାଇଛି। ଏହାକୁ ନୂଆପଡା କଂଗ୍ରେସ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି ବୋଲି ସୋମବାର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସୁରେଶ କୁମାର ଆଜାଦ ସୂଚନା ଦେଇଛନ୍ତି। ଜିଲାରେ ଦୀର୍ଘ ଦିନରୁ ଡାକ୍ତର ସମସ୍ୟା ଲାଗି ରହିଥିଲ। ସାମାନ୍ୟ ରୋଗ ହେଲେ ଲୋକଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାକୁ ମନ ବଳାଇ ଦୃଢତାର ପରିଚୟ ପ୍ରଦାନ କରିଥିବା ସମସ୍ତ ଡାକ୍ତରମାନଙ୍କୁ ଜିଲା କଂଗ୍ରେସ ପକ୍ଷରୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଉଛି। କିନ୍ତୁ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଚୌଧୁରୀ ଶୋଭାରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ନବନିଯୁକ୍ତ ଡାକ୍ତରଙ୍କ ସ୍ୱାଗତ ସମାରୋହରେ ସମସ୍ତଙ୍କୁ ଅଣଦେଖା କରି କେବଳ ଶାସକ ଦଳର ମନ୍ତ୍ରୀ ଓ ନେତାମାନଙ୍କୁ ସମ୍ମିଳିତ କରିବା ଏକ କ୍ଷୋଭର ବିଷୟ ବୋଲି କଂଗ୍ରେସ କହିଛି। ଏହି କାର୍ଯ୍ୟକ୍ରମର ରୂପରେଖ କିଏ ପ୍ରସ୍ତୁତ କରିଥିଲେ ଓ କାହା ଇଙ୍ଗିତରେ ସମସ୍ତଙ୍କୁ ବାଦ ଦେଇ କେବଳ ବିଜେଡିର ନେତା ଓ କର୍ମୀମାନଙ୍କୁ ଏଥିରେ ସାମିଲ କରାଯାଇଥିଲା ବୋଲି କଂଗ୍ରେସ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଜିଲାରେ ଏପରି ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ରଙ୍ଗ ବୋଳିବା ଭଳି ଚେଷ୍ଟା ପୁନରାବୃତି ହୁଏ ଜିଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନତ୍ମାକ ପନ୍ଥା ଅବଲମ୍ବନ କରିବ ବୋଲି ଆଜାଦ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅଭୟ ଯୋଶୀ, ଦେବଦତ ଦିକ୍ଷୀତ, ଗୋବିନ୍ଦ ସିଂ ଠାକୁର, କୌଶିକ ସାହୁ, କୁଳଦୀପ ସୁରଜ, ଭୀମ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସନକ୍ଷତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

**ଭବାନୀପାଟଣା,୩।୭(ଉତ୍ତମ କୁମାର ଦାଶ)**

ଓଡିଶା ସାହିତ୍ୟ ଏକାଡେମୀର ସନକ୍ଷତ୍ର ଦିବସ ଜୁଲାଇ ୨୫ରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସୋମବାର ଭବାନୀପାଟଣାସ୍ଥିତ ବ୍ରଜମୋହନ ହାଇସ୍କୁଲଠାରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରବନ୍ଧ, ବକ୍ତୃତା, କବିତା ଅବୃତି ଓ ସାଧାରଣ ଜ୍ଞ୍ୟାନ ଏବଂ ଇଂରାଜୀରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାହିତ୍ୟ ଏକାଡେମୀ ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜିଲା ବିଜ୍ଞାନ ପରିଦର୍ଶକ ଦୁଷ୍ମନ୍ତ ଶେଖର ପାଢ଼ୀ ଓ ଜନତା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଉଭୟବର୍ଗର ୪ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରବନ୍ଧରେ ଲକ୍ଷ୍ମୀକାନ୍ତ ନାଏକ, ବକ୍ତୃତାରେ ରାଜବୀର ଗହୀର, କବିତା ଅବୃତିରେ ତପସ୍ୱିନୀ ପ୍ରଧାନ, ସାଧାରଣ ଜ୍ଞାନ ଓ ଅନୁବାଦରେ ଆୟୁଷ ରଥ ପ୍ରମୁଖ କୃତୀ ହୋଇଥିଲେ। ଆସନ୍ତା ୯ ତାରିଖରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କରିବେ। ସେହିପରି ବରିଷ୍ଠବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରବନ୍ଧରେ ସୁହାନି ସିମରନ ମହାନ୍ତି, ବକ୍ତୃତାରେ ସୁମନ ପ୍ରଧାନ, କବିତା ଅବୃତିରେ ସିମରନ ସାହୁ, ସାଧାରଣ ଜ୍ଞାନ ଓ ଅନୁବ ୟାନଶିକା ପ୍ରମୁଖ କୃତୀ ହୋଇଥିଲେ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କରିବେ। ଜିଲାସ୍ତରୀୟ ପ୍ରତିଯୋଗିତାରେ ବିରଞ୍ଚି ମୁଣ୍ଡ, ଡିଲେଶ୍ୱର ରଣା, ସ୍ୱପ୍ନା ପ୍ରଧାନ, ନିଳିମା ନିଆଲ, ଯୁଧିଷ୍ଠିର ମୁଦୁଲି, ମଙ୍ଗଲୁ ପ୍ରଧାନ, ରଶ୍ମିତା ପ୍ରଧାନ ଓ ଭୁବନ କରୁଆଁ ବିଚାରକ ଭାବେ ଯୋଗଦେଇଥିଲେ।

# ହିତାଧିକାରୀଙ୍କ ଭୂମିପୂଜନ, ଶପଥ ପାଠ ସମାରୋହ

**କେସିଙ୍ଗା,୩।୭(ଡୁମେଶ୍ୱର ସାହୁ)**


ଶିରୋଲ ଗ୍ରାମରେ ଭୂମିପୂଜନ ଓ ଶପଥ ପାଠ ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହିତାଧିକାରୀଙ୍କ ଭୂମିପୂଜନ ଓ ଶପଥପାଠ ସମାରୋହ ସରପଞ୍ଚ ଝରଣା ବାଗଙ୍କ ନେତୃତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ୧୪୩ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିରୋଲ ଗ୍ରାମର ଭୂମିସୁତା ବାଗ ଓ ଜେମାମଣି ବାଗ ୨ଜଣ ହିତାଧିକାରୀଙ୍କୁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ସରପଞ୍ଚ ଝରଣା ପୂଜାର୍ଚ୍ଚନା କରି ଭୂମିପୂଜନ କରିଥିଲେ। ଗ୍ରାମପଞ୍ଚାୟତର ୧୪୩ଜଣ ହିତାଧିକାରୀଙ୍କଠାରୁ କୌଣସି କର୍ମଚାରୀ ଟଙ୍କାଟିଏ ବି ଲାଞ୍ଚ ନେବ ନାହିଁ। ୩ ମାସ ମଧ୍ୟରେ ଯେଉଁ ହିତାଧିକାରୀମାନେ ଘର ନିର୍ମାଣ କରି ସମ୍ପୂର୍ଣ୍ଣ କରିବେ, ସେହି ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ ହଜାର ପ୍ରୋତ୍ସାହନ ରାଶି ଯୋଗାଇ ଦେବା ସହିତ ଗ୍ରାମପଞ୍ଚାୟତ ପକ୍ଷରୁ ମଧ ୫ ହାଜର ଦିଆଯିବ ବୋଲି ସରପଞ୍ଚ ବାଗ ଘୋଷଣା କରିଥିଲେ। ହିତାଧିକାରୀଙ୍କୁ ଗୃହ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ପକ୍ଷରୁ ପ୍ରଥମ କିସ୍ତିରେ ୪୦ ହଜାର ଲେଖାଏଁ ପ୍ରଧାନ କରିଥିବା ସରପଞ୍ଚ ପ୍ରକାଶ କରିଥିଲେ। ଗରିବ ହିତାଧିକାରୀଙ୍କଠାରୁ କୌଣସି ପ୍ରକାରରେ ମଧ ଟଙ୍କାଟିଏ ନେବେ ନାହିଁ। ଆଉ ୩ ମାସ ମଧ୍ୟରେ ଗୃହ ନିର୍ମାଣ କରିବା ପାଇଁ ଉପସ୍ଥିତ ସମସ୍ତ କର୍ମଚାରୀ ଓ ହିତାଧିକାରୀମାନେ ଶପଥ ପାଠ କରିଥିଲେ। ଏହି ଅବସରରେ ସରପଞ୍ଚଙ୍କ ସମେତ ନାଏବ ସରପଞ୍ଚ ପଙ୍କଜ ମାଝି, ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗ, କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଗଜେନ୍ଦ୍ର ସାହା, ଗ୍ରାମ ରୋଜଗାର ସେବକ ଉପେନ୍ଦ୍ର ଗୌଡ଼, ୱାର୍ଡ ସଭ୍ୟ ସଭ୍ୟା ରଘୁନାଥ ବାଗ, ନବଘନ ବାଗ, ଦେବରାଜ ଗୌଡ଼, ପ୍ରମିଳା ମାଝି, ଅଞ୍ଜଳି ବାଗ, ଲାଳମନ ସୁନାନୀ, ବିଜେଲାଲ ହରିଜନ, ଯଶୋଦା ମାଝି, କୃତ୍ତିବାସ ହାତୀ, ରିନା ସାହୁ, ପୂର୍ଣ୍ଣିମା ବାଗ,ସୁନ୍ଦରମତି ହରିଜନଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

# ଧାରଣାରେ ବସିଲା ଡ୍ରାଇଭର ମହାସଂଘ

**ଗୋଲାମୁଣ୍ଡା,୩।୭(ବଟକୃଷ୍ଣ ପଣ୍ଡା)**


କେଗାଁ ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

- ଏକ ମାସ ପରେ ବି ଆକ୍ରମଣକାରୀଙ୍କୁ ଧରିବାରେ ପୋଲିସ ବିଫଳ
- ମହାଲିଙ୍ଗ ଗାଁରେ ଟାଙ୍ଗିଆ ଚୋଟରେ ଜଣେ ଗୁରୁତର ଘଟଣା

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ମହାଲିଙ୍ଗ ଗ୍ରାମରେ ଗତ ମାସ ୩ ତାରିଖ ବିଳମ୍ବିତ ରାତିରେ ନାରଣ କେତକିଙ୍କ ଟାଙ୍ଗିଆ ଚୋଟରେ ହଜାରୁ କେତକି ଗୁରୁତର ହେବା ଘଟଣାର ୧ ମାସ ପରେ ମଧ ଆକ୍ରମଣକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ହଜାରୁଙ୍କ ପରିବାର ତଥା ଡ୍ରାଇଭର ସଂଘକୁ ଆକ୍ରମଣକାରୀଙ୍କୁ ଧରିବା ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ପୋଲିସ ଏଥିରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ସୋମବାର ଗୋଲାମୁଣ୍ଡା ବ୍ଲକ ଡ୍ରାଇଭର ମହାସଂଘ ହଜାରୁ କେତକିଙ୍କ ପରିବାରକୁ ଧରି କେଗାଁ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଆକ୍ରମଣକାରୀଙ୍କୁ ନ ଧରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତବାନୀ ଦେଇଛନ୍ତି। ପୋଲିସ ଯଦି ଏହି ଘଟଣାକୁ ଗୁରୁତର ସହିତ ନେଇ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା ତାହେଲେ ଆକ୍ରମଣକାରୀ ନାରଣ ଆଜି ହାଜତରେ ଥାନ୍ତା ବୋଲି ଚର୍ଚ୍ଚା ହେଉଛି। ପୋଲିସ ଏଠି ଢିଲା ହେବାରୁ ଆକ୍ରମଣକାରୀଙ୍କୁ ଲୁଚିବାକୁ ସୁଯୋଗ ମିଳିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, ହଜାରୁ କେତକି ଜଣେ ବୋଲେରୋ ଡ୍ରାଇଭର ହୋଇଥିବା ବେଳେ ସେ ଗତ ମାସ ୩ ତାରିଖ ରାତ୍ରିରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଜୀବନରେ ମାରି ଦେବାର ଉଦ୍ଦେଶ୍ୟ ରଖି ନାରଣ କେତକି ହଠାତ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ହଜାରୁ ନିଜ ଜୀବନକୁ ବଞ୍ଚାଇବାକୁ ପଡୋଶୀ ଲୋକଙ୍କୁ ଡାକିଥିଲେ। ପଡୋଶୀ ଲୋକେ ଉଦ୍ଧାର କରି ପରିବାର ଲୋକଙ୍କ ସହାୟତାରେ ପ୍ରଥମେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପୁଣି ସେଠାରୁ ତାଙ୍କୁ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ବର୍ତ୍ତମାନ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମରଣ ସହିତ ସଂଗ୍ରାମ କରୁଛନ୍ତି।

ଏ ସଂକ୍ରାନ୍ତରେ କେଗାଁ ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୯୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିପୂର୍ବରୁ ପୋଲିସର ତଦନ୍ତ ଉପରେ ଅସନ୍ତୋଷ ହୋଇ ଡ୍ରାଇଭର ମହାସଂଘ ପରିବାର ଲୋକଙ୍କ ସହିତ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଆଜି କ'ଣ କେଉଁଠି

ରାଜଗାଙ୍ଗପୁର

- ଟ୍ରକ ମାଲିକ ସଂଘର ବାର୍ଷିକ ସାଧାରଣ ବୈଠକ, ସ୍ଥାନ : ରାଣିବନ୍ଧ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ, ସମୟ : ଦିନ ୧୧ ଟା

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

**ଲହୁଣୀପଡ଼ା,୩।୭ (ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟକରା ଗ୍ରାମ ମୁଣ୍ଡା ସାହିରେ ସାପ କାମୁଡାରେ ଜଣେ ନାବାଳିକାଙ୍କ ରବିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ନାଗୁରି ମୁଣ୍ଡା(୧୬) । ମୁହଁରୁ ଫେଣ ବାହାରୁଥିବା ଦେଖି ପରିବାର ଲୋକେ ତାଙ୍କୁ ଲଡୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଦୁର୍ଘଟଣାରେ ଗୁରୁତର ଆହତଙ୍କ ମୃତ୍ୟୁ

**ବଡ଼ଗାଁ,୩।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁମବାହାଲ ଛକ ରାଜ୍ୟ ରାଜପଥ ୧୦ରେ ଗତ ୨୧ରେ ବାଇକ୍ ଓ କାର ମଧରେ ଧକ୍କା ହୋଇଥିଲା। ବାଇକ୍‌ରେ ବସିଥିବା ଧରୁଆଡିହି ଥାନା ଅଧୀନ ଫିଲିଙ୍ଗିବାହାଲ ଗ୍ରାମର ଉଦୟ ବାଗଙ୍କ ସହିତ ଦିନେଶ ଚାମ୍ପିଆ ଓ ଦିଲୀପ ଚାମ୍ପିଆ ଆହତ ହୋଇଥିଲେ। ଦୁର୍ଘଟଣାରେ କାର ଚାଳକ ମଧ ଆହତ ହୋଇଥିଲେ। ସମସ୍ତଙ୍କୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉଦୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଛି।

### ସାନ ଭାଇର ଟାଙ୍ଗିଆ ଚୋଟରେ ବଡ଼ ଭାଇ ମୃତ

**ବଡ଼ଗାଁ,୩।୭(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁମବାହାଲ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ସାନ ଭାଇର ଟାଙ୍ଗିଆ ଚୋଟରେ ବଡ଼ ଭାଇର ମୃତ୍ୟୁ ହୋଇଛି। ମୃତକ ହେଲେ ଆଲଫନସ୍ ଲୁଗୁନ (୫୩)। ପୋଲିସ ଘଟଣାରେ ସାନ ଭାଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଲବର୍ଟ ଲୁଗୁନ(୪୫)। ବଡ଼ଗାଁ ଥାନା ଅଧିକାରୀ ହୃଷୀକେଶ ବେହେରା, ସବ୍ ଇନ୍ସପେକ୍ଟର ବିଜୟ କୁମାର ଦାସ, ବୁଦ୍ଧଦେବ ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନାଯୋଗ୍ୟ, ଆଲଫନସ ସନ୍ଧ୍ୟା ସମୟରେ ଏକାକୀ ଥିବାବେଳେ ସାନ ଭାଇ ହତ୍ୟା କରି ଫେରାର ହୋଇଯାଇଥିଲେ। ଜମିବାଡ଼ିକୁ କେନ୍ଦ୍ର କରି ହତ୍ୟା ହୋଇଥିବା ସନ୍ଦୋହ କରାଯାଉଛି।

### ଫରେଷ୍ଟ ଗାର୍ଡଙ୍କ ବିରୋଧରେ ଅଭିଯୋଗ

**ବଡ଼ଗାଁ,୩।୭( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର ଜଣେ ମହିଳା ସେହି ଗ୍ରାମରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡଙ୍କ ବିରୋଧରେ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବିବାହିତା ମହିଳା ଏବଂ ଫରେଷ୍ଟ ଗାର୍ଡଙ୍କ ମଧରେ ୩ ବର୍ଷ

**ପ୍ରେମ ପ୍ରତାରଣା**

ଧରି ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଘଟଣା ସମ୍ପର୍କରେ ଗ୍ରାମବାସୀ ଓ ଜାତି ସମାଜ ଲୋକେ ଜାଣିବା ପରେ ସେ ତାଙ୍କୁ ସ୍ତ୍ରୀଭାବେ ଗ୍ରହଣ କରିଥିଲେ। ୩ ମାସ ରଖିଲା ପରେ ସେ ମହିଳାଙ୍କୁ ଛାଡ଼ି ଦେଇଥିଲେ। ହେଲେ ମାସିକ ଭରଣପୋଷଣ ଖର୍ଚ୍ଚ ପ୍ରତି ମାସରେ ଦେବେ ବୋଲି ଫରେଷ୍ଟ ଗାର୍ଡ ଜଣଙ୍କ କହିଥିଲେ। ପରେ ସେ ଧରୁଆଡିହି ଥାନା ଅନ୍ତର୍ଗତ ଅଲଙ୍ଗପାନି ଗ୍ରାମର ଏକ ଇଟାଭାଟିରେ କାମ କରୁଥିଲେ। ଗତ ୨ ମାସ ହେଲା ଭରଣପୋଷଣ ବାବଦ ଟଙ୍କା ଫରେଷ୍ଟ ଗାର୍ଡ ଦେଉ ନ ଥିବା ନେଇ ମହିଳା ଜଣଙ୍କ ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି।

# ୪ ବର୍ଷ ବିତିଲା, ଆଦର୍ଶ ବିଦ୍ୟାଳୟ ନିର୍ମାଣ ସରୁନି

**କୁତ୍ରା,୩।୭(ଦେବାଶିଷ ସାହୁ)**


ନିର୍ମାଣ ହେଉଥିବା ବିଦ୍ୟାଳୟ।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ବୁଡାକଟାଠାରେ ନିର୍ମାଣ ହେଉଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର କାମ ମନ୍ଥର ଗତିରେ ଚାଲୁଛି। ୪ ବର୍ଷ ବିତିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷୟିତ୍ରୀ,ଶିକ୍ଷକ,ଗ୍ରାମବାସୀ ତଥା ଅଭିଭାବକମାନେ ଏନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରୁନାହିଁ। ଏହି ବିଦ୍ୟାଳୟ ନିର୍ମାଣ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ ପକ୍ଷରୁ ୩ କୋଟି ୫୩ ଲକ୍ଷ ୫୨ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଠିକାଦାରଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ଗତବର୍ଷଠାରୁ ପ୍ରାରମ୍ଭିକ ଅବସ୍ଥାରେ ଅସ୍ଥାୟୀଭାବେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ୨ଟି ଶ୍ରେଣୀଗୃହରେ ପ୍ରଥମ ବର୍ଷ ପାଠପଢା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପୁଣି

**ଅସୁବିଧା ଭୋଗୁଛନ୍ତି ଛାତ୍ରୀଛାତ୍ର**

ଆଉ ୨ଟି ଶ୍ରେଣୀଗୃହରେ ପାଠପଢ଼ା ଚାଲିଛି। ତେବେ ଏଠାରେ ବିଦ୍ୟାଳୟ ପକ୍ଷରୁ ଶ୍ରେଣୀଗୃହ ସିନା ପ୍ରଦାନ କରାଯାଇଛି, କିନ୍ତୁ ଡେସ୍କ ବେଞ୍ଚ ନ ଥିବାରୁ ପିଲାମାନେ ତଳେ ବସି ପାଠ ପଢୁଥିବା କହିଛନ୍ତି ବିଦ୍ୟାଳୟ ପ୍ରଧାନ ଶିକ୍ଷକ। ବର୍ତ୍ତମାନ ବିଦ୍ୟାଳୟରେ ୧୬୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତାଙ୍କର ଯିବା ଆସିବା ପାଇଁ ୨ଟି ବସ୍ ପ୍ରଦାନ କରାଯାଇଛି। ଗୋଟେ ବସରେ ୬୫ ଓ ଆଉ ଗୋଟେ ବସରେ ୬୫ ଜଣ ଯିବା ଆସିବା କରୁଛନ୍ତି। ଅବଶିଷ୍ଟ ଛାତ୍ରୀଛାତ୍ର ନିଜସ୍ୱ ସୁବିଧାରେ ଯିବା ଆସିବା କରୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ କରିଛନ୍ତି ଅଭିଭାବକ। ଅନ୍ୟପକ୍ଷରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ରଡ୍ ଓ ସିମେଣ୍ଟ ବ୍ୟବହାର ହେଉଥିବା ମଧ ଅଭିଯୋଗ ହେଉଛି। ଏହାକୁ ନେଇ ଠିକାଦାରଙ୍କୁ ପଚାରିବାରୁ ,ବିଲ୍ ପାସ ହେଉ ନ ଥିବା ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା କହିଛନ୍ତି। ବିଭାଗୀୟ ଯନ୍ତ୍ରୀ ସନାତନ ଟୁଡୁଙ୍କୁ ପଚାରିବାରୁ କୌଣସି ବିଲ୍ ବାକି ନାହିଁ ସମସ୍ତ ବିଲ୍‌ର ପଇସା ଠିକାଦାର ପାଇ ସାରିଛନ୍ତି ବୋଲି କହିବା ସହ ଅସଭ୍ୟ ବ୍ୟବହାର କରି ନିଜର ଉତ୍ତର ଦେଇଥିଲେ। ପରେ ଉପରିସ୍ଥ ଅଧିକାରୀ ଏସ୍‌ଡିଓ ମହେନ୍ଦ୍ର କଲେଟଙ୍କୁ ପଚାରିବାରୁ, ବିଲ୍ ବାକି ନାହିଁ, ବର୍ଷା ପାଇଁ କାମ ବନ୍ଦ ଅଛି କହିବା ସହିତ ଯାହା କାମ ହେଉଛି ଆମର ଉପରିସ୍ଥ ଅଧିକାରୀଙ୍କୁ ସବୁ ଜଣା ଅଛି ବୋଲି କହିଛନ୍ତି। ତେବେ ତାଙ୍କର ଯନ୍ତ୍ରୀଙ୍କ ବ୍ୟବହାରକୁ ନେଇ କୌଣସି ଉତ୍ତର ନଦେଇ ଚୁପ୍ ରହିଥିଲେ।

# ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟଚାଲାଣ

**ଲହୁଣୀପଡ଼ା,୩।୭(ଦାଶରଥି ପଣ୍ଡା)**

ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ହଳଦୀ କୁଦର ପଞ୍ଚାୟତ ସାନଜଳ ଗ୍ରାମର ସଞ୍ଜୟ ମୁଣ୍ଡା (୧୯)। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ଉକ୍ତ ଗ୍ରାମରେ ଏକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମସ୍ତେ ନାଚଗୀତରେ ମସଗୁଲ ଥିବାବେଳେ ଏହାର ସୁଯୋଗ ନେଇ ସଞ୍ଜୟ ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନିଛାଟିଆ ଜାଗାକୁ ଡାକିନେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ସଂକ୍ରାନ୍ତରେ ଅନ୍ୟ କାହାକୁ ନ ଜଣାଇବାକୁ କହିବା ସହ ସେ ତାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ବିଷୟରେ ଅନ୍ୟ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେବାରୁ ନାବାଳିକା ଭୟରେ କାହାକୁ କିଛି କହି ନ ଥିଲେ। ସେ ୪ ମାସର ଗର୍ଭବତୀ ହେବାନେଇ ପରିବାର ଲୋକେ ଜାଣିବାପରେ ନାବାଳିକାକୁ ଘଟଣା ବିଷୟରେ ପଚାରିଥିଲେ। ପରିବାର ଲୋକ ଜାଣି ବିବାହ ପାଇଁ ସଞ୍ଜୟଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ସେ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ। ଏଥିସହ ଗର୍ଭ ନଷ୍ଟ କରିବା ପାଇଁ ନାବାଳିକାକୁ ବାଧ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାକୁ ଗୁରୁତର ସହ ବିଚାରକୁ ନେଇଥିଲା। ସୋମବାର ପୋଲିସ ନାବାଳିକାର ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କଚାରୁ ହାଇସ୍କୁଲରେ ବୃକ୍ଷରୋପଣ


ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଉଛି।

**କୁଆଁରମୁଣ୍ଡା,୩।୭(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କଚାରୁ ସରକାରୀ ୟୁଜି ହାଇସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣୀ ପାଣି, ବରିଷ୍ଠ ଶିକ୍ଷକ ଶିବପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଗଛ ବଞ୍ଚିଲେ ପରିବେଶ ସୁସ୍ଥ ରହିବ ଓ ପରିବଶେ ସୁସ୍ଥ ରହିଲେ ମନୁଷ୍ୟ ତଥା ସମସ୍ତ ପ୍ରାଣୀଜଗତ ଧରିତ୍ରୀ ପୃଷ୍ଠରେ ତିଷ୍ଠି ରହିବେ ବୋଲି ନିଜ ନିଜ ବକ୍ତବ୍ୟରେ ସେମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ପଡିଆରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ। ସମସ୍ତ ଚାରା କିଭଳି ବଞ୍ଚି ରହିବ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ କଚାରୁ ବନପାଳ ଯଦୁନାଥ ସେଠୀ ପରାମର୍ଶ ଦେଇଥିଲେ। ପରିଶେଷରେ ବିଦ୍ୟାଳୟ ଶିକ୍ଷକ ପଞ୍ଚାନନ ଦାଶ ଧନ୍ୟବାଦ ଦେଇଥିଲେ। କଚାରୁ ବନରକ୍ଷୀ ସୁନିଲ ମିଞ୍ଜ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥିତ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ।

# ପ୍ଲାଷ୍ଟିକ ଚାଉଳ ସନ୍ଦେହ ଦୂର ପାଇଁ ସଚେତନତା କର୍ମଶାଳା

**କୁତ୍ରା,୩।୭(ଦେବାଶିଷ ସାହୁ)**


ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

ପିଡିଏସ୍‌ରେ ଦିଆଯାଉଥିବା ଭିଟାମିନ୍ ଯୁକ୍ତ ଚାଉଳକୁ ପ୍ଲାଷ୍ଟିକ ଚାଉଳ ବୋଲି ଗୁଜବ କରାଯାଉଥିବାରୁ ଏହାର ସନ୍ଦେହ ଦୂର ପାଇଁ ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପଠାରେ ଯୋଗାଣ ବିଭାଗ ପକ୍ଷରୁ ଏକ ସଚେତନତା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ୪ ମାସ ହେଲା ବିପିଏଲ୍ ହିତାଧିକାରୀଙ୍କୁ ଦିଆଯାଉଥିବା ପିଡିଏସ୍ ଚାଉଳରେ ପ୍ଲାଷ୍ଟିକ ମିଶ୍ରିତ ଚାଉଳ ରହିଥିବା ନେଇ ଲୋକେ ସନ୍ଦେହ କରିଆସୁଛନ୍ତି। ଏହି ଚାଉଳ ପ୍ଲାଷ୍ଟିକ ନୁହେଁ ବୋଲି ପ୍ରଶାସନ ଏବଂ ଯୋଗାଣ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଥିଲା। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ୪ମାସ ହେଲା ଯୋଗାଣ ବିଭାଗ ପକ୍ଷରୁ ବଣ୍ଟନ କରାଯାଉଥିବା ପିଡିଏସ୍ ଚାଉଳ କିଷମରେ କିଛିଟା ପରିବର୍ତ୍ତନ କରାଯାଇଥିବା ଯୋଗୁଁ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହେଉଛି ବୋଲି କହିବା ସହ ଏହି ଚାଉଳ ପ୍ରକୃତରେ ଭିଟାମିନ୍ ମିଶ୍ରିତ ଫର୍ଟିଫାଏଡ ଚାଉଳ ବୋଲି କହିଥିଲେ। ଏହି ଚାଉଳର ଭାତ ଶରୀରକୁ ଅଧିକ ପୃଷ୍ଟି ଶକ୍ତି ପ୍ରଦାନ କରିଥାଏ ବୋଲି ସେ କହିଥିଲେ। ଲୋକଙ୍କ ମନରେ ଏନେଇ କୌଣସି ସନ୍ଦେହ ରହିବା ଠିକ ନୁହେଁ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ପଞ୍ଚାୟ ସମିତି ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, କୁତ୍ରା ସରପଞ୍ଚ ଭୂବନ କୁଜୁର, ଡୁନମୁରା ସରପଞ୍ଚ ତରୁଣୀସେନ ବରିହା, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ବ୍ଲକ ମିଶନ ଶକ୍ତି ସଭାପତି ତରୁଣୀଲତା ସୁନାନୀ ଓ କର୍ମକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। କର୍ମଶାଳାକୁ ଯୋଗାଣ ବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲେ। ଶେଷରେ ଯେଉଁ ଚାଉଳକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ସେହି ଚାଉଳରୁ ପ୍ରସ୍ତୁତ ଖାଦ୍ୟ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା।

# ବାଇକ୍ ଦୁର୍ଘଟଣାରେ ୨ ଆହତ

**ଲହୁଣୀପଡ଼ା,୩।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡ଼ପୁରୁଣାପାଣି ପଞ୍ଚାୟତ ୧୪୩ ନମ୍ବର ଜାତୀୟ ରାଜପଥ ସମଦରୀ ଗ୍ରାମ ନିକଟରେ ସୋମବାର ବାଇକ୍ ଧକ୍କାରେ ୨ ଜଣ ଆହତ ହୋଇଛନ୍ତି। ଜଣେ ରାଜାମୁଣ୍ଡାର ରାଜୁ ମାହାନ୍ତି ହୋଇଥିବା ବେଳେ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ସ୍ଥାନୀୟ ଲୋକେ ଉଭୟଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଚିକିତ୍ସାପାଇଁ ଭର୍ତ୍ତି କରିଥିଲେ। ସେଠାରେ ରାଜୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମଧାହ୍ନ ସମୟରେ ରାଜୁ ୧୪୩ ନମ୍ବର ଜାତୀୟ ରାଜପଥ ସମରଦାରୀ ରାସ୍ତା କଡରେ ଛିଡା ହୋଇ ଗାତ ପୋତିବା ପାଇଁ ଗାଡିରୁ କଳା ଗୁଣ୍ଡ ଖାଲି କରୁଥିବାବେଳେ ରାଉରକେଲାରୁ ଲହୁଣୀପଡା ପଟେ ଯାଉଥିବା ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକ ଅରୋହୀ ସମେତ ୨ ଜଣ ଆହତ ହୋଇଥିଲେ।

# ଘାଟି ତଳକୁ ଖସିଲା ଟ୍ରକ, ଖଲାସି ମୃତ



**ଲହୁଣୀପଡ଼ା,୩।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ଚୁନା ଘଟିଠାରେ ରବିବାର ବିଳମ୍ବିତ ରାତିରେ ଏକ ମାଲ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲା। ଫଳରେ ଗାଡ଼ି ତଳେ ଚାପି ହୋଇ ଖଲାସିର ମୃତ୍ୟୁ ଘଟିଥିବାବେଳେ ଚାଳକ ଆହତ ହୋଇଛନ୍ତି। ମୃତ ଖଲାସି ବିହାରର ସହନ କୁମାର (୨୫) ଏବଂ ଆହତ ଚାଳକ ଉତ୍ତରପ୍ରଦେଶର ପ୍ରଦୀପ ସିଂ। କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆହତଙ୍କୁ ଲଡୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଟ୍ରକକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରକ ଲହୁଣୀପଡା ପଟେ ଆସୁଥିବା ବେଳେ ଭାରସମ୍ୟ ହରାଇ ଚୁନା ଘାଟି ତଳକୁ ଖସି ପଡ଼ିଥିଲା।

# ଶିବା ସିମେଣ୍ଟ ପକ୍ଷରୁ ବିଶ୍ୱ ଡାକ୍ତର ଦିବସ

**କୁତ୍ରା,୩।୭(ଦେବାଶିଷ ସାହୁ)**




ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କନ୍ଦେଇମୁଣ୍ଡା ପଞ୍ଚାୟତ ତେଲିଘନାସ୍ଥିତ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ପକ୍ଷରୁ ବିଶ୍ୱ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଡାକ୍ତରମାନେ ହେଉଛନ୍ତି ଦ୍ୱିତୀୟ ଭଗବାନ। ସେମାନଙ୍କ ନିସ୍ୱାର୍ଥପର ସେବା ପାଇଁ କମ୍ପାନୀ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। କୋଭିଡ ସମୟରେ ମଧ ଯେଉଁ ଭଳିଭାବେ ମେଡିକାଲ ତଥା ଗାଁ ଗାଁ ଯାଇ ସେବା ଯୋଗାଉଥିଲେ ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ୟୁନିଟ୍ ହେଡ୍ ଅନିଲ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁତ୍ରା ମେଡିକାଲ ଅଫିସର ଶ୍ରୀକାନ୍ତ ଟପ୍ପୋ,ସରୋଜ ନନ୍ଦ,ପୁନମ ମିଶ୍ର, ଗଣେଶ ସରାଫଙ୍କ ସହିତ ଅନ୍ୟାନ୍ୟ ଡାକ୍ତରମାନେ ଯୋଗ ଦେଇଥିଲେ। ତାଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆଗାମୀ ଦିନରେ ଜେଏସଡବ୍ଲ୍ୟୁ ତାଙ୍କ ସାଙ୍ଗରେ ସବୁ ପ୍ରକାର ସୁବିଧା ଅସୁବିଧାରେ ଛିଡ଼ା ହେବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ।

# ଧର୍ମାନ୍ତରୀକରଣକୁ ହୋ ସମାଜର ବିରୋଧ


ବୈଠକରେ ଜଣେ ଅତିଥି ଧର୍ମାନ୍ତରୀକରଣ ବିଷୟରେ ବୁଝାଉଛନ୍ତି।

**ଟେନ୍‌ସା,୩।୭(ସମୀର କୁମାର ପାଢ଼ୀ)**

ଧର୍ମାନ୍ତରୀକରଣକୁ ବିରୋଧ କରି ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଦେଓଘର ଗ୍ରାମରେ ହୋ ସମାଜ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ହୋ ସମାଜ ସଭାପତି କଲ୍ ସୁନିଆଁ ବତ୍ରା ଓ ସମ୍ପାଦକ ପାଣ୍ଡୁ ଚାମ୍ପିଆ, ଯୁବ ସାମାଜିକ କର୍ମୀ ବାଦଲ ବାରିକ ଯୋଗଦେଇଥିଲେ। ହୋ ସମାଜ ପକ୍ଷରୁ ବିଭିନ୍ନ ନାଚ ଗୀତ ମାଧମରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଦେଓଘର ଗ୍ରାମରେ ଅନେକ ଲୋକ ଧର୍ମ ପରିବର୍ତ୍ତନ କରିବା ସହ ସମାଜ ପରିବର୍ତ୍ତନ କରିଥିଲେ। ଏନେଇ ଅତିଥିମାନେ ସେମାନଙ୍କୁ ବୁଝାଇବା ସହ ତୁରନ୍ତ ନିଜ ଧର୍ମକୁ ଫେରିବା ସହ ହୋ ସମାଜ ନାଚ ଗୀତରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ପାରିପାର୍ଶ୍ୱିକ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ବୈଠକରେ ଯୋଗ ଦେଇଥିଲେ।

# ଭାଜପା କୃଷକ ମୋର୍ଚ୍ଚାର ବିକ୍ଷୋଭ

**ସୁନ୍ଦରଗଡ଼,୩।୭(ଜୟନାରାୟଣ ମେଷ୍ଟୁଲି)**



ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବାହାରିଥିବା ରାଲି।

ଚାଷୀଙ୍କୁ ରାଜ୍ୟ ସରକାରଙ୍କ ଅବହେଳା ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ବିଳମ୍ବ ପ୍ରତିବାଦରେ ଭାଜପା ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ କୃଷକ ମୋର୍ଚ୍ଚା ସଭାପତି ରବିଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଚାଷୀ ତଥା ଭାଜପା କର୍ମୀମାନେ ସ୍ଥାନୀୟ ମାଦ୍ରିକାଲୋ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ଚାଷୀଙ୍କ ହକ ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ୨୦୨୨ ଖରିଫ ଋତୁରେ ଚାଷୀଙ୍କୁ ରାଜ୍ୟ ସରକାର ଅହେତୁକ ଅବହେଳା ଏବଂ ଜିଲା ପ୍ରଶାସନର ଅପାରଗତା ଯୋଗୁଁଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଟଙ୍କା ମିଳିନାହିଁ ବୋଲି ଅନୁଷ୍ଠିତ ବିକ୍ଷୋଭ ସଭାରେ ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଥିଲେ। ଏହାଦ୍ୱାରା ଚଳିତ ଖରିଫ ଋତୁରେ ଧାନ ଚାଷ କରିବା ପାଇଁ ବହୁ କଷ୍ଟ ହେଉଛି। ଏହି ମର୍ମରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ

**ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନରେ ବିଳମ୍ବ**

ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବିଧାୟିକା କୁସୁମ ଟେଟେ, ପୌରାଧକ୍ଷା ତନୟା ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରସିଂହ ମିଞ୍ଜ, ଜିଲା ଉପସଭା ନେତ୍ରୀ ସଂଯୁକ୍ତା ନାଏକ, ଜିଲା ସମ୍ପାଦକ ରାଜନ ସୋନି, ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଅମୀର କୁମାର ପଟ୍ଟନାୟକ, ଯଶୋବନ୍ତ ନାଏକ, ଭେଷଜ ରଥ, ବୀରବର ସାହୁ, ସନାତନ ନାଏକ, ଦେବେନ୍ଦ୍ର ପଟେଲ, ବିକାଶ ନାଏକ, କଳାକୃଷ୍ଣ ଓରାମ, ଅମୀୟ ପଟ୍ଟନାୟକ, ସୁଦାମ ହୋତା, ଦୁବରାଜ ନାଏକ, ପରକ୍ଷିତ ସାହୁ, ବିମଲ ପଟେଲ, ଅସୀମ ପଟେଲ, ଅନୁପମା ଟପ୍ପୋ, କାନନାଲା ବେହେରା, ଅଖିଳ ବେହେରା, ବେଣୁଧର ପଣ୍ଡାଙ୍କ ସମେତ ରାଜଗାଙ୍ଗପୁର, ତଳସରା ଏବଂ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଶତାଧିକ ଭାଜପା ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଏବଂ ଚାଷୀମାନେ ଯୋଗଦେଇଥିଲେ ।

